# ଉଦୟପୁର -ତାଳସାରୀରେ ପର୍ଯ୍ୟଟକଙ୍କ ଭିଡ଼



**ଚନ୍ଦନେଶ୍ୱର, ୩୧।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ରବିବାର ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ରବିବାର ବର୍ଷର ଶେଷ ଦିନରୁ ପ୍ରବଳ ଭିଡ଼ ହୋଇଥିଲା। ଚନ୍ଦନେଶ୍ୱର ମନ୍ଦିର, ଭୂଷଣ୍ଡେଶ୍ୱର ଶୈବପୀଠ, କାର୍ତ୍ତନୀୟା ସମୁଦ୍ର କୂଳ, ବିଚିତ୍ରପୁର ପ୍ରକୃତି ନିବାସ, ତାଳସାରି - ଉଦୟପୁର ଆଦି ସ୍ଥାନରେ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗିରହିଥିବା ଦେଖାଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଆଦି ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥିବାବେଳେ ଉଦୟପୁର -ତାଳସାରୀ ବେଳାଭୂମିରେ ତାଳସାରି ମେରାଇନ ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୋଗରାଇ ବିଡିଓ ଉମାକାନ୍ତ ପରିଡ଼ା, ଜୟଶ୍ରୀ ମୁର୍ମୁ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧ ମଧ ବିଚିତ୍ରପୁର ପ୍ରକୃତି ନିବାସ ଓ ଉଦୟପୁର - ତାଳସାରି ବେଳାଭୂମିରେ ଦେଖିବାକୁ ମିଳିଛି। ବଣଭୋଜି, ସମୁଦ୍ର ତଟରେ ଘୋଡ଼ାଚଢ଼ି ମଉଜ ମଜଲିସ ସହିତ ନୃତ୍ୟର ଆସର ମଧରେ ନୂଆ ବର୍ଷକୁ ସ୍ୱାଗତ କରାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି।

## ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ



**ରାଇବଣିଆ, ୩୧।୧୨(ସମିସ):** ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଝାଡ଼ଖଣ୍ଡ ହାତୀ ପୋଲ ଆସି ପଶ୍ଚିମବଙ୍ଗ ଓ ଓଡ଼ିଶା ସୀମା ରାଇବଣିଆ ଅଞ୍ଚଳରେ ଆତଙ୍କ ଖେଳାଇ ଚାଲିଛନ୍ତି। ଶନିବାର ମଧ୍ୟରାତିରେ ଏକ ଗୋଠଛଡ଼ା ଦନ୍ତା ହାତୀ ମୟୂରଭଞ୍ଜ ପଟୁ ଆସି ଜଳେଶ୍ୱର ବ୍ଲକ ବରଡିହା ପଞ୍ଚାୟତର ଭୋଲ ଗାଁରେ ୪ ଟି ଘର ଭାଙ୍ଗି ଦେଇଛି ଏବଂ ଦିଲ୍ଲିପ ମହାନ୍ତ ଘରେ ପଶି ଧାନ ଖାଇ ଦେଇଛି। ହାତୀ ଆସିବା ପରେ ଜଙ୍ଗଲ ବିଭାଗ ର କର୍ମଚାରୀ ଦିଲୀପ ସିଂଙ୍କ ସହ ଅନ୍ୟ କର୍ମଚାରୀମାନେ ଆସି ହାତୀକୁ ଜଙ୍ଗଲକୁ ଘୋଉଡାଇଥିଲେ। ଏବେ ହାତୀଟି ରଙ୍ଗାମାଟିଆ ଜଙ୍ଗଲରେ ରହିଛି। ହାତୀ ଭାଙ୍ଗି ଥିବା ଘର ହିରାଲାଲ ମହାନ୍ତ, ରେବତୀ ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ଦିଲୀପ ମହାନ୍ତଙ୍କ ଘର ଭାଙ୍ଗି ଦେଇଛି। ସେମାନେ କ୍ଷତିପୂରଣ ଦାବି କରିଛନ୍ତି।

## ପିକନିକ୍‌ରୁ ଫେରୁଥିବାବେଳେ ଦୁର୍ଘଟଣା ; ୯ ଆହତ



**ଲଙ୍ଗଳେଶ୍ୱର/ବସ୍ତା, ୩୧।୧୨(ସମିସ):** ପିକନିକ୍ ସାରି ଅଟୋରେ ଫେରୁଥିବାବେଳେ ଦୁର୍ଘଟଣାରେ ଡ୍ରାଇଭର ସମେତ ୯ଜଣ କଲେଜ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ବସ୍ତା ଗୋଷ୍ଠୀ ସ୍ୱାସକେନ୍ଦ୍ର ଏବଂ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରବିବାର ଜାମଶୁଳୀ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ପଢୁଥିବା କିଛି ଛାତ୍ରଛାତ୍ରୀ ଦୁଇଟି ଅଟୋରେ ଜମୁନାଶୂଳ ବେଳାଭୂମିକୁ ପିକନିକ୍ କରିବାକୁ ଯାଇଥିଲେ। ପିକ୍‌ନିକ୍ ସାରି ଘରକୁ ଫେରୁଥିବା ବେଳେ ପଞ୍ଚୁପାଲି ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ପଲସର୍ ବାଇକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଅଟୋଟି ୧୫ ଫୁଟ ତଳକୁ ଖସିବାପରେ ଭାଙ୍ଗି ଚୂରମାର ହୋଇଥିବା ବେଳେ ଡ୍ରାଇଭର ସମେତ ୮ ଜଣ ଛାତ୍ର ଛାତ୍ରୀ ଗୁରୁତର ହୋଇଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ଏକର ଜମିର ଧାନ

**ରୂପସା, ୩୧।୧୨(ସମିସ):** ସଦର ବ୍ଲକ ଅଧୀନସ୍ଥ ରସଲପୁର ପଞ୍ଚାୟତ କୁଶୁଡ଼ିହା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଏକ ପରିବାର ଅଳ୍ପକେ ରକ୍ଷା ପାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ଶନିବାର ରାତିରେ ଏହି ଗ୍ରାମର ବରେନ୍ଦ୍ର ପ୍ରଧାନଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କ ଖଳାରେ ଥିବା ଧାନବିଡ଼ା ଗାଦି ଓ ଅମଳ ହୋଇଥିବା ଧାନଅକା ସବୁ ଜଳିଜିବା ସହିତ ତାଙ୍କ ଘର ମଧ ସାମାନ୍ୟ ଜଳିଯାଇଥିଲା। ବସ୍ତା ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ତାଙ୍କର ଦୁଇ ଏକର ଚାଷଜମିର ଧାନ ପୋଡ଼ି ଯିବା ସହିତ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଖବରପାଇ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶୁବେଶ ନାୟକ, ସ୍ଥାନୀୟ ୱାର୍ଡ ସଭ୍ୟ କୃଷ୍ଣଚନ୍ଦ୍ର ନାୟକ ଓ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ସେଠାରେ ପହଞ୍ଚି ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦବି କରିଛନ୍ତି।

## ସୋରରୁ ଅପହୃତ ନାବାଳିକା ମୁର୍ସିଦାବାଦରୁ ଉଦ୍ଧାର

**ସୋର, ୩୧।୧୨(ସମିସ):** ସୋର ଅଞ୍ଚଳର ରାଜମିସ୍ତ୍ରୀ ଭାବେ କାମ କରୁଥିବା ମୁର୍ଷିଦାବାଦର ଜଣେ ଯୁବକ ୧୩ ବର୍ଷର ନାବାଳିକାକୁ ଅପହରଣ କରି ନେଇଯାଇଥିବା ବେଳେ ସୋର ପୁଲିସ୍ ୩ ଦିନ ମଧ୍ୟରେ ନାବାଳିକାକୁ ଉଦ୍ଧାର କରିଆଣିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ମୁର୍ଷିଦାବାଦରୁ ଆସି ଯୁବକ ଜଣକ ନାବାଳିକାଙ୍କ ଘରେ କାମ କରୁଥିବାବେଳେ କେହି ନଥିବା ସମୟରେ ତାକୁ ଶିଖେଇ ବୁଝେଇ ମୁର୍ଷିଦାବାଦକୁ ନେଇଯାଇଥିଲା। ନାବାଳିକାର ବାପାଙ୍କ ଅଭିଯୋଗ ମୂଳେ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଏକ ପୁଲିସ୍‌ଟିମ୍ ଗଠନ କରି ୩ ଦିନ ମଧ୍ୟରେ ନାବାଳିକାକୁ ପଶ୍ଚିମବଙ୍ଗ ମୁର୍ଷିଦାବାଦରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ଅମୃତ ଭାରତ ଏକ୍ସପ୍ରେସକୁ ସୋରରେ ସ୍ୱାଗତ ବେଳେ ଉତ୍ତେଜନା

**ସୋର, ୩୧।୧୨(ସମିସ):** ଶନିବାର ରାତିରେ ସୋର ଷ୍ଟେସନରେ ନୂତନ ଭାବେ ଆରମ୍ଭ ହୋଇଥିବା ମାଲଦା-ବାଙ୍ଗାଲୋର ଅମୃତ ଭାରତ ଏକ୍ସପ୍ରେସକୁ ସୋରବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ୪ ନମ୍ବର ପ୍ଲାଟଫର୍ମରେ ରାତି ୯ଟା ସମୟରେ ଏକ ଆୟୋଜିତ ସ୍ୱାଗତ ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୌରାଧ୍ୟକ୍ଷ ମାଧବ ଧଡ଼ା, ଉପାଧ୍ୟକ୍ଷା ସସ୍ମିତା ଦାସ ଅତିଥି ଭାବେ ଯୋଗଦେଇ ସରାକରଙ୍କ ଦ୍ୱାରା ପ୍ରଚଳିତ ଏହି ଟ୍ରେନ୍ ସାଧାରଣ ଯାତ୍ରୀମାନଙ୍କୁ ସୁବିଧା ଯୋଗାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମୟରେ ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ମଞ୍ଚକୁ ଡାକିବା ପରେ ଏହି କାର୍ଯ୍ୟକ୍ରମର ସଂଯୋଜକ ବିଜେପି ନେତା ରାକେଶ ମଲ୍ଲିକଙ୍କୁ ମଞ୍ଚକୁ ଆହ୍ୱାନ ନ କରିବା ଯୋଗୁଁ ଶ୍ରୀ ମଲ୍ଲିକ ଏବଂ ବିଜେପି କର୍ମୀମାନଙ୍କ ତରଫରୁ ପାଟିତୁଣ୍ଡ କରିବା ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶ୍ରୀ ମଲ୍ଲିକଙ୍କୁ ମଞ୍ଚକୁ ଆହ୍ୱାନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି କାର୍ଯ୍ୟକ୍ରମରେ ଖଡ଼ଗପୁର ଡିଭିଜନର ସିପିଏମ୍ ଅଖିଳେଶ କୁମାର ଏବଂ ବାଲେଶ୍ୱର ସିଆଇ ଯୋଗଦେଇ ଥିବାବେଳେ ଉଜ୍ଜ୍ୱଳ ସାହୁ ମଞ୍ଚ ପରିଚଳନା କରିଥିଲେ। ଏହି ସମୟରେ ବିଜେପିର ବହୁ ନେତା, କର୍ମୀ, ନାଗରିକ ମଞ୍ଚର କର୍ମକର୍ତ୍ତା, ଜନସାଧାରଣ ଏବଂ ରେଳ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ଲଙ୍ଗଳେଶ୍ୱର/ବାଲିଆପାଳ/ବସ୍ତା, ୩୧।୧୨(ସମିସ):** ବସ୍ତା ବ୍ଲକ ନାବରାସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ୭ଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଭାଗବତ ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ଅଲିଭା ମଞ୍ଜରୀ ପାତ୍ର, ବର୍ଷାରାଣୀ ଦାସ, ବିଶ୍ୱନାଥ ସାମଲ ଓ ବିଜୟ ଦେ ପ୍ରମୁଖ ଯୋଗଦେଇ ଥିଲେ। ପ୍ରୋଗାମ ଅଫିସର ଲକ୍ଷ୍ମୀକୃଷ୍ଣ ନାୟକ ପରିଚାଳନା କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଟ୍ରଫି ବଣ୍ଟନ କରିଥିଲେ।















# ୪ରୁ ଇଣ୍ଟିଗ୍ରେସନ ଯୁବ ମହୋତ୍ସବର ୧୦ମ ସଂସ୍କରଣ

**ବାଲେଶ୍ୱର, ୩୧ ।୧୨(ସମିସ):** ଜାନୁଆରୀ ୪ ତାରିଖରୁ ୭ ତାରିଖ ଯାଏଁ ୪ ଦିନ ବ୍ୟାପୀ ଇଣ୍ଟିଗ୍ରେସନ୍ ଯୁବ ମହୋତ୍ସବର ୧୦ମ ସଂସ୍କରଣ ସ୍ଥାନୀୟ ଜିଲ୍ଲା ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁଯାଉଛି । ଏହି ପରିପ୍ରେକ୍ଷୀରେ ସଂଗଠନର ସଭାପତି ସୁଶାନ୍ତ ସାହୁ ଏକ ପ୍ରେସବିଜ୍ଞପ୍ତି ମାଧ୍ୟମରେ କାର୍ଯ୍ୟକ୍ରମର ସବିଶେଷ ସୂଚନା ପ୍ରଦାନ କରିଛନ୍ତି । ୪ ତାରିଖ ସକାଳେ ଏକ ମିନି ମାରାଥନ ଗାନ୍ଧୀ ସ୍ମୃତି ଭବନରୁ ବାହାରି ଜିଲ୍ଲା ସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ଯିବ । ମିନି ମାରାଥନ ପରେ ସ୍କୁଲ କଲେଜ ପିଲାଙ୍କୁ ନେଇ ୧୦୦/୨୦୦/୪୦୦ ମିଟର ଦୌଡ଼, ଜିଲାପି ଦୌଡ଼, ଅଖା ଦୌଡ୍, ମ୍ୟୁଜିକ ଚେୟାର ଭଳି ବିଭିନ୍ନ କ୍ରୀଡ଼ା ଓ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, କୁଇଜ, ବକ୍ତୃତା, ମଡେଲିଂ ପ୍ରଭୃତି ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ୫ ତାରିଖ ସନ୍ଧ୍ୟାରେ ମିଷ୍ଟର ଇଣ୍ଟିଗ୍ରେସନ - ୨୦୨୪ (ସୁନ୍ଦର ସ୍ୱାସ୍ଥ୍ୟ) ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ୬ ତାରିଖ ସନ୍ଧ୍ୟାରେ ଓଲିଉଡ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି, ଜେସିକା, ସୌରଭ ଭରଦ୍ୱାଜ, ରାଜେଶ ପ୍ରମୁଖଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇ ଦର୍ଶକ ମାନଙ୍କ ମନୋରଞ୍ଜନ କରିବାର କାର୍ଯ୍ୟକ୍ରମ ରହିଛି । ଶେଷ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବରେ ସାରେଗାମାପା ଫାଇନାଲିଷ୍ଟ ଅବଦୁଲ ଶେଖ, ଓଲିଉଡ ତାରକା ସୁଭାଶିଷ ଶର୍ମା ଓ ହାସ୍ୟ ଅଭିନେତା ଗିରିଜା ପଣ୍ଡା (କାକା) ଯୋଗଦେବେ । ସାଧାରଣ ସମ୍ପାଦକ ଗୌତମ ସାହୁ ବାଲେଶ୍ୱରବାସୀ ବିଶେଷକରି ଯୁବବର୍ଗଙ୍କୁ ବହୁମାତ୍ରାରେ ମିନି ମାରାଥନ ସମେତ ପ୍ରତ୍ୟକ ସନ୍ଧ୍ୟାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି ।

# ଯୁବକଙ୍କୁ ପଥରମାଡ଼ ସହ ମରଣାନ୍ତକ ଆକ୍ରମଣ

- ରେମୁଣା ବିଧାୟକ ଓ ଜଣେ ଠିକାଦାରଙ୍କ ନିର୍ଦ୍ଦେଶରେ ଆକ୍ରମଣ ଅଭିଯୋଗ
- ଥାନାରେ ମାମଲା; ସହଦେବଖୁଣ୍ଟା ପୁଲିସର ତଦନ୍ତ



**ବାଲେଶ୍ୱର, ୩୧ ।୧୨(ସମିସ):** ସହଦେବଖୁଣ୍ଟା ଥାନା ତେଲେଙ୍ଗାସାହି ଠାରେ ରବିବାର ସକାଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଉକ୍ତ ଯୁବକ ହେଉଛନ୍ତି ଚାନ୍ଦିପୁର ଥାନା ରଣସାହି ଅଞ୍ଚଳର ହୃଷିକେଶ ମହାନ୍ତିଙ୍କ ପୁଅ ତନ୍ମୟ ମହାନ୍ତି(୩୯) । ଡାକ୍ତରଖାନାରେ ସହଦେବଖୁଣ୍ଟା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁସାରେ, ତନ୍ମୟ ତେଲେଙ୍ଗାସାହି ଅଞ୍ଚଳର ଏସିପିଏଲ୍ ଆପାର୍ଟମେଣ୍ଟର ୪୦୩ନଂ ରୁମ୍‌ରେ ରହୁନ୍ତି । ରବିବାର ସକାଳେ ସେ ଏକ କାମରେ ଯାଉଥିବାବେଳେ ଆପାର୍ଟମେଣ୍ଟ ବାହାରେ ଦୁଇଜଣ ଅଚିହ୍ନା ଯୁବକ ପ୍ରଥମେ ତାଙ୍କୁ ଢ଼େଲା ପଥର ମାଡ଼ କରିଥିଲେ । ଫଳରେ ସେ ସେଠାରେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ପେଟକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ତନ୍ମୟ ବେହୋସ ହୋଇଯିବାପରେ ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତନ୍ମୟ ଆକ୍ରମଣକାରୀଙ୍କୁ ଚିହ୍ନି ନ ଥିବା କହିଛନ୍ତି । ସହଦେବଖୁଣ୍ଟା ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତନ୍ମୟ କହିଛନ୍ତି ଯେ, ତାଙ୍କୁ ରାଜନୈତିକ ଶତ୍ରୁତା ନେଇ ଆକ୍ରମଣ ହୋଇଛି । କୃଷିଯନ୍ତ୍ରପାତି ହଡ଼ପ ମାମଲାରେ ଲୋକାୟୁକ୍ତଙ୍କଠାରୁ ଚିଠି ହେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନବିରୋଧୀ କାର୍ଯ୍ୟ ପାଇଁ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ାଙ୍କୁ ବିଜେଡିରୁ ବହିଷ୍କାର କରିଥିଲେ । ବିଶେଷ କରି ରେମୁଣାରେ ବିଧାୟକ କୃଷି ଯନ୍ତ୍ରପାତି ସବ୍‌ସିଡିରେ କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିଲେ । ଦୁର୍ନୀତିକୁ ନେଇ ସେତେବେଳେ ତନ୍ମୟ ଭିଜିଲାନ୍ସ ମାମଲା ରୁଜୁ କରିଥିଲେ । ଫଳରେ ବିଜେଡିରୁ ବିଧାୟକ ସୁଧାଂଶୁ ପରିଡ଼ା ବିହିସ୍କୃତ ହେବାପରେ ତନ୍ମୟକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଆଜି ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ଏବଂ ଠିକାଦାର ପ୍ରଭାତ ବିଶ୍ୱାଳ ମିଳିତ ଭାବେ ଏହି କାର୍ଯ୍ୟ କରିଛନ୍ତି ବୋଲି କହିଛନ୍ତି । ଏପରିକି ସେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ସମସ୍ତଙ୍କୁ କହି ବୁଲୁଥିଲେ ବୋଲି ତନ୍ମୟ ଅଭିଯୋଗ କରିଛନ୍ତି । ଏହାସହ ସେ ଅଭିଯୋଗ କରିଛନ୍ତି ଯେ, ଠିକାଦାର ପ୍ରଭାତ ବିଶ୍ୱାଳ ରେମୁଣାରେ ବହୁ ଅନୈତିକ ଉପାୟରେ ଘରଗୁଡ଼ିକ ନିର୍ମାଣ କରିଛନ୍ତି । ଏହି ଅନୈତିକ କାର୍ଯ୍ୟର ସବୁ ପ୍ରମାଣ ସେ ବାହାର କରିଛନ୍ତି । ଏଣୁ ଉଭୟ ଆଜି ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏହି ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସହଦେବଖୁଣ୍ଟା ପୁଲିସ ତଦନ୍ତ କରିବାକୁ ଆସିଥିବାବେଳେ ଏହି ଅଭିଯୋଗ ମଧ୍ୟ ପୁଲିସ ଆଗରେ କରିଛନ୍ତି । ଏନେଇ ତନ୍ମୟ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି । ତନ୍ମୟଙ୍କୁ ଆକ୍ରମଣ ଖବର ପାଇ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଯଯାତି ଦାସଙ୍କ ସହ ବହୁ କର୍ମୀ ତାଙ୍କୁ ମେଡିକାଲ ଯାଇ ଭେଟିବା ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ଏହି ଘଟଣାରେ ରେମୁଣା ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ଏହି ଆକ୍ରମଣ କରିବା ପଛରେ ତାଙ୍କର କୌଣସି ହାତ ନାହିଁ । ସେ କେବେ ଗଣ୍ଡଗୋଳକୁ ପସନ୍ଦ କରନ୍ତି ନାହିଁ । ତାଙ୍କ ବିରୋଧରେ ତନ୍ମୟ କୃଷିଯନ୍ତ୍ରପାତି ସବସିଡି ଘୋଟାଲାକୁ ନେଇ ପ୍ରଥମେ ଯେତେବେଳେ ମାମଲା କରିଥିଲେ ସେତେବେଳେ ସେ ଚାହିଁଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଥାଆନ୍ତେ । ହେଲେ ତାଙ୍କର ଏହି ଘଟଣାରେ କୌଣସି ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି । ଅନ୍ୟପଟେ ଥାନାରେ ଅଭିଯୋଗ ପରେ ପୁଲିସ ତାର ଉଚିତ ତଦନ୍ତ କରିବ ବୋଲି କହିଛନ୍ତି ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ବାଲେଶ୍ୱର, ୩୧ ।୧୨(ସମିସ):** ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ବୋଇତବାଙ୍କ ଗ୍ରାମର ଧର୍ମପରାୟଣା ମହିଳା ହର୍ଷମଣି ରଥ(୯୦)ଙ୍କ ପରଲୋକ ଘଟିଛି । ତାଙ୍କ ପରଲୋକ ଖବର ପାଇ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଶେଷଦର୍ଶନ କରିଥିଲେ । ଶିକ୍ଷାକୁ ସର୍ବଦା ପ୍ରାଥମିକତା ଦେଇଆସୁଥିଲେ । ସ୍ୱାଧୀନତା ପରେ ଯେବେ ଗାଁରେ ବିଦ୍ୟାଳୟ ଆରମ୍ଭ ହେଲା ସେ ସମୟରେ ଶିକ୍ଷକମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ବୁଝିବା ସହ କିପରି ଝିଅମାନେ ଅଧିକ ସାକ୍ଷର ହୋଇପାରିବେ ସେନେଇ ସଚେତନ କରୁଥିଲେ । ୯୦ ବର୍ଷ ବୟସ ପର୍ଯ୍ୟନ୍ତ କେବେ ଡାକ୍ତରଖାନା ଯାଇ ନ ଥିଲେ ।

ତେବେ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଅବସରପ୍ରାପ୍ତ କୃଷି ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ରଥ, ପୁତ୍ର ଅବସରପ୍ରାପ୍ତ ଡାକ୍ତର ପ୍ରଭାକର ରଥ, ପୁତ୍ରବଧୂ, ନାତି ଓ ନାତୁଣୀ ବୋହୂମାନେ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ‘ସରକାର-ଏ-ମିଲ୍ଲତ’ ଫାଉଣ୍ଡେସନ୍ ଉଦ୍‌ଘାଟିତ



**ବାଲେଶ୍ୱର, ୩୧ ।୧୨(ସମିସ):** ଭଦ୍ରକର ସରକାର ବାବାଙ୍କ ଜନ୍ମଦିନ ଆଗାମୀ ଜାନୁଆରୀ ପହିଲା ଦିନ ପାଳନ କରାଯାଉଥିବା ଅବସରରେ ବାଲେଶ୍ୱର ସହରରେ ବାବାଙ୍କ ଅନୁଗାମୀମାନଙ୍କ ଦ୍ୱାରା ‘ସରକାର-ଏ-ମିଲ୍ଲତ’ ଫାଉଣ୍ଡେସନ ଉଦ୍‌ଘାଟିତ ହୋଇଯାଇଛି । ସରକାର ବାବାଙ୍କ ଗରିବ ଓ ଦୁଃଖୀ ଲୋକମାନଙ୍କୁ ସହାୟତା ପ୍ରଦାନର ନିୟମ ଓ ପରାମର୍ଶ ମୁତାବକ ବାଲେଶ୍ୱରରେ ଏଭଳି ଫାଉଣ୍ଡେସନ ଗଠନ କରାଯାଇ ତାଙ୍କର ପଥ ଅନୁସରଣ କରାଯିବ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୟଦ ଜମାଲ ଉଦ୍ଦୀନ ଆବେଦୁଲ୍ କାଦ୍ରୀ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ସମାଜସେବୀ ବିକ୍ରମ ପଣ୍ଡା ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ୫୦୦ ଅସହାୟ ଲୋକମାନଙ୍କୁ ଅତିଥି ମାନଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ହାଜି ମୈନୁଲ ଇସଲାମ, ମନୋଜ କୁମାର ରାଉତ, କାଉନସିଲର୍ ରଞ୍ଜିତା ମହାପାତ୍ର, ଶେଖ୍ ଆନସାର୍, କାଉନସିଲର୍ ଶେଖ୍ ଆୟୁବ୍, ସେଖ୍ ନୌସାଦ ଅଲି ପ୍ରମୁଖ ଯୋଗ ଦେଇଥିଲେ । ସାମ୍ବାଦିକ ହାଇଦର ଖାନ୍ ମଞ୍ଚ ପରିଚାଳନା କରିଥିବାବେଳେ ଶେଖ୍ ଦିଲଦାର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଜିମ୍ ବାଲେଶ୍ୱରୀ, ଫାଉଣ୍ଡେସନର ସଦସ୍ୟ ସରିଫ୍ ମହମ୍ମଦ, ଶେଖ୍ ମହେରାଜ, ହାଜି ଅବଦୁଲ୍ ଇସଲାମ, ଶେଖ୍ ଜାହିରୁଦ୍ଦିନ, ଶେଖ୍ ଅବଦୁସ୍ ସ୍ଲାମ୍, ଶେଖ୍ କାଫ, ଫଜନୁର୍ ରେହେମାନ୍ କାଦ୍ରି, ଶେଖ୍ ଗୁଲାମ୍, ମହିଉଦ୍ଦିନ, ଶେଖ୍ ରଫିକ୍, ଶେଖ୍ ଗୁଲାମ ମହିଉଦ୍ଦିନ, ଶେଖ୍ ଜୈନୁଲ୍ ଆବିଦିନ୍, ମାଷ୍ଟର୍ ବୁରହାନ୍, ମାଷ୍ଟର ଇନାୟତ, ଅବଦୁଲ୍ ସକିଲ, ଶେଖ୍ ଆଜହାରୁଦ୍ଦିନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଚନ୍ଦ୍ରଭାଗାର ଚତୁର୍ଥ ସନ୍ଧ୍ୟା : କଥା-କବିତା-ନାଟକର ସ୍ୱର କାର୍ଯ୍ୟକ୍ରମ

**ବାଲେଶ୍ୱର, ୩୧ ।୧୨(ସମିସ):** ଚନ୍ଦ୍ରଭାଗାର ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ କବି ସତ୍ୟ ସାହୁ ଓ ସତ୍ୟ ସେଠୀଙ୍କ ତତ୍ତ୍ୱାବଧାନରେ କଥା-କବିତା-ନାଟକର ସ୍ୱର କାର୍ଯ୍ୟକ୍ରମକୁ ଡ. ହରିଶ୍ଚନ୍ଦ୍ର ବେହେରା, ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକ ଏବଂ ବିଶିଷ୍ଟ ଯୁବ କବି ଓ ଗାଳ୍ପିକ ସରୋଜ କୁମାର ବଳ ଉଦ୍‌ଘାଟନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ନିବାରଣ ଜେନା, କବି ପ୍ରଶାନ୍ତ ଦାସ, ଅଞ୍ଜନ ଚାନ୍ଦ, କବି ଶ୍ରୀଦେବ, ଚିତ୍ତରଞ୍ଜନ ନାୟକ, ସଞ୍ଜିତ କୁମାର ବଳ, ଉତ୍ପଳ ମହାନ୍ତି, ଡ. ଦିଲୀପ ରଥ, ଡ. ମମତା ସାହୁ, ଲିପିରେଖା ଶତପଥୀ, ଜୟନ୍ତୀ ବେଉରା, ପ୍ରୀତିଲେଖା ଦାସ, ଜ୍ୟୋତିର୍ମୟୀ ଶତପଥୀ, ସ୍ମୃତି ଦାସ, କଲ୍ୟାଣୀ ନନ୍ଦ, ବିଭୁତିଭୂଷଣ ଗ୍ରହାଚାର୍ଯ୍ୟ, ବିଶ୍ୱନାଥ ନାୟକ, ପ୍ରଦୀପ କୁମାର ବନ୍ଧ, ଆଶିଷ ମିଶ୍ର, ପ୍ରଦୀପ୍ତ ମହାନ୍ତି, ସୁରଞ୍ଜନ ପାତ୍ର, ସଞ୍ଜୟ ପଣ୍ଡା, ଅବିନାଶ ସାହୁ, ଅଙ୍କିତ୍ ଧଳ, ରାମଚନ୍ଦ୍ର ମାଝୀ, ଅବନୀ ଜେନା ପ୍ରମୁଖ କବିତା ପାଠ ଓ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନବବର୍ଷ ଉପଲକ୍ଷେ ଶାନ୍ତିକାନନରେ ଗଳ୍ପ ଉତ୍ସବ



**୫ ଗାଳ୍ପିକ ପାଠ କଲେ ସ୍ୱରଚିତ ଗଳ୍ପ**

**ବାଲେଶ୍ୱର, ୩୧ ।୧୨(ସମିସ):** ନବବର୍ଷ ଉପଲକ୍ଷେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କବିତୀର୍ଥ ଶାନ୍ତିକାନନରେ ପରିଷଦର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକ ଗଳ୍ପ ଉତ୍ସବ ଅନୁଷ୍ଠିତ ହୋଇଛି । ଗାଳ୍ପିକ ନିବାରଣ ଜେନାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଗଳ୍ପୋତ୍ସବରେ ଗାଳ୍ପିକ ଅଞ୍ଜନ ଚାନ୍ଦ ‘ସମୟ ସୁଅରେ’, ଗାଳ୍ପିକ ଉଦୟ ନାରାୟଣ ଦାସ ‘କଥା ଥିଲା’, ଗାଳ୍ପିକ କୃଷ୍ଣ କୁମାର ମହାନ୍ତି ‘ଗୋଟେ କପ୍ ପ୍ରତାରଣା’, ଗାଳ୍ପିକ ପ୍ରଶାନ୍ତ ଦାସ ‘ଦୁଃଖୀ ମଣିଷ’ ଓ ଗାଳ୍ପିକା ସ୍ମୃତି ଦାସ ‘ପକେଟମାର୍’ ଶୀର୍ଷକ ସ୍ୱରଚିତ ଗଳ୍ପମାନ ପାଠ କରିଥିଲେ । ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଆଲୋଚନା କରି କହିଥିଲେ ଯେ ପ୍ରତିଟି ଗଳ୍ପରେ ପ୍ରେମ ଓ ରୋମାଣ୍ଟିକ୍ ଭାବଧାରାର ଆବେଦନ ରହିଥିଲେ ହେଁ ଜୀବନ ପ୍ରତି ଏକ ଅନୁଭବସିଦ୍ଧତା ହିଁ ଗଳ୍ପଗୁଡ଼ିକୁ ସ୍ମରଣୀୟ କରିଛି । ଏହି ଅବସରରେ ପରିଷଦର ବରିଷ୍ଠ ସଦସ୍ୟା ଅରୁଣା ରାୟ ଅତିଥି ଗାଳ୍ପିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ପାଦକ ଦୀପକ ବୋଷ ପ୍ରାକ୍-କଥନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ । ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଗଳ୍ପୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ତପନ ରାୟ, ବିଜୟ କୁମାର ମହାନ୍ତି, ଡ. ରମାକାନ୍ତ ନାୟକ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ସଞ୍ଜୟ ପଣ୍ଡା, ରାଜେଶ ଗିରି, ଚିତ୍ରାରାଣୀ ପାତ୍ର, ଜ୍ୟୋତ୍ସ୍ନା ରାୟ, ବାସନ୍ତୀ କର, ସୁଷମା ମହାପାତ୍ର, ମାମିନା ମହାପାତ୍ର, ଅଞ୍ଜଳି ପଣ୍ଡା, ଊର୍ମିଳା ନାୟକ, ସଙ୍ଗୀତା ବାରିକ, ଅମିତା ଚାନ୍ଦ, ପ୍ରଣିତା ମିଶ୍ର, ଶରତ କୁମାର ମହାପାତ୍ର, ମମତା ଦାସ, ଶାନ୍ତି ବିଶି, ଝରଣା ଦାସ, ପଦ୍ମଲୋଚନ ଦତ୍ତ, କରୁଣାକର ସ, ଲମ୍ବୋଦର ନାୟକ, କମଳାକାନ୍ତ ଦାଶ, ଶିବଶଙ୍କର ନନ୍ଦୀ, ପୀତାମ୍ବର ବେହେରା, ରାମନାରାୟଣ ଦେ, ବେଣୁଧର ସାହୁ, ମନ୍ମଥ କୁମାର ସାହୁ, ଅବକାଶ କର, ଅବନ୍ତୀ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ବାସନ୍ତୀ ଦେ, ପ୍ରଫୁଲ୍ଲ କୁମାର ମହାପାତ୍ର, ରମେଶ ଚନ୍ଦ୍ର ଦାଶ, ବିଦିଶା ଚାନ୍ଦ, ଅନନ୍ୟା ଦାସ, ଗଗନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଳ ଗାଁ କଲ୍‌ଚୁରାଲ କ୍ଲବର ପଞ୍ଚଦଶ ବାର୍ଷିକ ଉତ୍ସବ



**ବାଲେଶ୍ୱର, ୩୧ ।୧୨(ସମିସ):** ଗୋପାଳ ଗାଁ କଲ୍‌ଚୁରାଲ କ୍ଲବର ପଞ୍ଚଦଶ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ନିଜ ମାଟିର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଲେ ଉତ୍କଳୀୟ କଳା ବଞ୍ଚି ରହିବ ବୋଲି ସେ ଏହି ଅବସରରେ କହିଥିଲେ । ଏହା ସହିତ ମହିଳାମାନଙ୍କୁ ସମାଜରେ ଅଧିକ ଗୁରୁତ୍ୱ ଦେବାପାଇଁ ଶ୍ରୀମତୀ ଜେନା ଆହ୍ୱାନ ଦେଇଥିଲେ । ବାଲେଶ୍ୱର ପୌରଧ୍ୟକ୍ଷା ସବିତା ସାହୁ ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୋପାଳଗାଁ କଲଚରାଲ କ୍ଲବର ଉନ୍ନତି କାମନା କରିଥିଲେ । ଗୋପାଳ ଗାଁ କଲ୍‌ଚୁରାଲ କ୍ଲବର ସଭାପତି ଶ୍ରମିକନେତା ଅରୁଣ ସ୍ୱାଇଁଙ୍କ ପୌରୋହତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ବିକ୍ରମ ପଣ୍ଡା, କାଉନ୍‌ସିଲର ମୀନା ମହାନ୍ତି ଓ ରଞ୍ଜିତା ମହାପାତ୍ର, ପୂର୍ବତନ କାଉନସିଲର ଇତିକୃଷ୍ଣା ସ୍ୱାଇଁ, ସମାଜସେବୀ ଶାନ୍ତା ଦାସ, ଆଶ୍ରିତା ତରେଇ, ବଂଶୀଧର ଦଳେଇ, ସୁଦୀପ୍ତା ମହାନ୍ତି ପ୍ରମୁଖ ସମ୍ମାନିୟ ଅତିଥିଭାବେ ଯୋଗଦେଇ ଥିଲେ । କ୍ଲବ୍‌ର ସମ୍ପାଦକ ଅନୁପ ସ୍ୱାଇଁ ଏଥିରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ଲବର ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତି ଓ ପ୍ରତିମା ପଣ୍ଡା, ଯୁଗ୍ମ ସମ୍ପାଦକ ଅବିନାଶ ସ୍ୱାଇଁ ଓ ପ୍ରଭାତ ମହାନ୍ତି ଏଥିରେ ମଞ୍ଚାସୀନ ଥିଲେ । ଉପସଭାପତି ଶ୍ରୀକାନ୍ତ ବୁଗୁଡ଼ାଇ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ଗୋପାଳ ଗାଁ କଲଚୁରାଲ କ୍ଲବର ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଉତ୍ସବ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଶେଷଦିନ କଣ୍ଠଶିଳ୍ପୀ ସ୍ୱପ୍ନ ପାଢ଼ୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି କ୍ଲବର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

## ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

**ଜଳେଶ୍ୱର ବ୍ଲକ, ୩୧ ।୧୨(ସମିସ):** ଜଳେଶ୍ୱର କଂଗ୍ରେସ ପକ୍ଷରୁ ଟାଟାପାୱାର ଶୋଷଣ ଓ ଜୁଲମ ବିରୋଧରେ ଟିପିଏନଓଡିଏଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମିନିସେଲୋ ଗୁଡ଼ିକରେ ମିଟର ବସାଇବା ବନ୍ଦ କରିବା, ଯେଉଁ ଚାଷୀମାନଙ୍କ ସେଲୋ ଗୁଡିକରୁ ବିଦ୍ୟୁତ ସଂଯୋଗ କଟା ଯାଇଛି ସେଗୁଡ଼ିକୁ ତୁରନ୍ତ ପୁନଃ ସଂଯୋଗ କରାଯିବା, ଉପଭୋକ୍ତା ଓ ମିନି ସେଲୋ ମାଲିକମାନଙ୍କ ଉପରେ ମନଇଚ୍ଛା ବିଲ ବସାଇବା ବନ୍ଦ କରିବା, ମିଟର ଚାର୍ଜ ନେବା ବନ୍ଦ କରିବା ଓ ଛୋଟ ଦୋକାନୀ ମାନଙ୍କୁ କମର୍ସିଆଲ ବିଲିଙ୍ଗରୁ ବାଦ୍ ଦିଆଯିବା ଆଦି ରହିଛି । ଦାବିପତ୍ର ପ୍ରଦାନ ସମୟରେ ଜଳେଶ୍ୱର ବ୍ଲକ ସଭାପତି ରାଜୀବ ପରିଡ଼ା, ନଗରସଭାପତି ଗିରିଜା ଶଙ୍କର ଦାସ, ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, କିଷାନ କଂଗ୍ରେସ ସଭାପତି ସୁଦାମ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକବି ସୌମ୍ୟରଞ୍ଜନ ପାଳଙ୍କୁ ‘ଉଦୟରାଗ’ ସମ୍ମାନ




**ବାଲେଶ୍ୱର, ୩୧ ।୧୨(ସମିସ):** ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଟାଇମପାସ୍ ପବ୍ଲିକେଶନ୍ ପକ୍ଷରୁ ସାହିତ୍ୟ ଉତ୍ସବ ‘ଉତ୍‌ସାହିତ୍ୟ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବାଲେଶ୍ୱରର ଯୁବକବି ସୌମ୍ୟରଞ୍ଜନ ପାଳଙ୍କୁ ‘ଉଦୟରାଗ ସମ୍ମାନ ୨୦୨୩’ ପୁରସ୍କାରରେ ସମ୍ମାନିତ କରାଯାଇଛି । ରେମୁଣା ବ୍ଲକ ଜାନୁଗଞ୍ଜ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ଗ୍ରାମର କାର୍ତ୍ତିକେଶ୍ୱର ପାଳ ଓ ସବିତା ପାଳଙ୍କ ପୁତ୍ର ସୌମ୍ୟ ରଞ୍ଜନ, ରମଣୀୟ ରେମୁଣା ମାଟିକୁ ହିଁ ନିଜ ସୃଜନ ଯାତ୍ରାର ପ୍ରେରଣା ବୋଲି ମନେକରନ୍ତି । ସୌମ୍ୟଙ୍କୁ ଯୁବ କବି ପ୍ରତିଭା ରୂପେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ଉତ୍ସବ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ସହ ଟାଇମପାସ୍ ପ୍ରକାଶନର ନିର୍ଦ୍ଦେଶକ ସରୋଜ ବଳ ଉଦୟରାଗ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗୀତିକାର ବିଜୟ ମଲ୍ଲ ଏହି ସଭାରେ ଉଦ୍‌ଘୋଷକ ଥିଲେ । ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ଆଶୁତୋଷ ପରିଡ଼ାଙ୍କ ସହ କବି କୃଷ୍ଣ କୁମାର ମହାନ୍ତି, ଗାଳ୍ପିକା ହିରଣ୍ମୟୀ ମିଶ୍ର, ଗାଳ୍ପିକ ପ୍ରକାଶ ମହାପାତ୍ର, ଆଶିଷ କୁମାର ଗଡ଼ନାୟକ, ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ଗୀତିକାର ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଓୟୁଜେ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ବାଲେଶ୍ୱର, ୩୧ ।୧୨(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ରବିବାର ସହର ମଧ୍ୟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଯୋଗଦେଇ ଥିଲେ । ସ୍ୱଚ୍ଛଭାରତ ଅଭିଯାନ ହେଉଛି ନିରନ୍ତର ପ୍ରକ୍ରିୟା । ଗ୍ରା ଠାରୁ ସହର ସବୁଠି ଏହାର ପ୍ରତିଫଳନ ହେଲେ ଲୋକେ ଆପଣାଛାଏଁ ସଚେତନ ହୋଇଯିବେ ବୋଲି କହିଥିଲେ । ଓୟୁଜେର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସିଦ୍ଧାର୍ଥ ନନ୍ଦ, କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ପୂର୍ବତନ କାଉନ୍‌ସିଲର ବିଶ୍ୱଜିତ ମହାପାତ୍ର, ପୂର୍ବତନ ପୌରଉପାଧ୍ୟକ୍ଷ ମନୋଜ ରାଉତ, ଆଇନଜୀବୀ ପ୍ରଣବ କୁମାର ପଣ୍ଡା, ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ମନୋଜ କୁମାର ରାଉଳ, ଅଜିତ କୁମାର ମହାନ୍ତି, ହାଇଦର ଖାନ, ଅରୂପ ମହାନ୍ତି, ଆଜୀମ ବାଲେଶ୍ୱରୀ, ସୋମନାଥ ସାହୁ, ଅଧୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ‘ଜିରୋ ନାଇଟ୍’ରେ ୨୦୨୪କୁ ସ୍ୱାଗତ
# ନାଚଗୀତରେ ଝୁମିଲେ ସହରବାସୀ

**ବାଲେଶ୍ୱର, ୩୧ ।୧୨(ସମିସ):** ସରିଲା ୨୦୨୩, ଆରମ୍ଭ ହେଲା ୨୦୨୪ ବର୍ଷ । ପ୍ରତିବର୍ଷ ପରି ବଦଳିଲା ପୁଣି କ୍ୟାଲେଣ୍ଡରର ପୃଷ୍ଠା । ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ କଲେ ସହରବାସୀ । ନୂଆବର୍ଷକୁ କିଏ କେମିତି ଓ କେଉଁ ଢଙ୍ଗରେ ପାଳନ କରିବେ ଏଥିପାଇଁ କିଛି ଦିନ ପୂର୍ବରୁ ସମସ୍ତଙ୍କର ଯୋଜନା ମଧ୍ୟ ସରିଯାଇଥିଲା । ୩୧ ତାରିଖ ସନ୍ଧ୍ୟା ପାଖରୁ ଆରମ୍ଭ ହୋଇଯାଇଥିଲା ବିଭିନ୍ନ କାର୍ଯ୍ୟକ୍ରମ । ଏଥିସହିତ ଜିରୋ ଲାଇଟ୍ ଅର୍ଥାତ୍ ୩୧ ତାରିଖ ରାତିରେ ଆରମ୍ଭ ହୋଇଥିଲା ସେଲିବ୍ରେସନ୍ । ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ସଜେଇ ହୋଇଥିଲା ବିଭିନ୍ନ ହୋଟେଲ, ରେସ୍ତୋରାଂ, ମଣ୍ଡପ ଓ ସହର । ବିଭିନ୍ନ କ୍ଲବ ଓ ହୋଟେଲ ପ୍ରସ୍ତୁତି କରିଥିଲେ । ଜିରୋ ନାଇଟ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ବାଲେଶ୍ୱର ସହରରେ ବଲିଉଡ୍, ଓଲିଉଡ୍ ଓ ଜଲିଉଡ୍ କଳାକାରଙ୍କ ଦମ୍‌ଦାର ପ୍ରଦର୍ଶନ । ରାତି ବଢ଼ିବା ସହ ନାଚ, ଗୀତରେ ଝୁମିଥିଲେ ଏବଂ ବାଣ ଫୁଟାଇଥିଲେ । ଏନେଇ ସହରର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଟିକେଟ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସହରର ‘ୱେଲଫେୟାର ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ’ ଓ ‘ବାଲେଶ୍ୱର ଷ୍ଟେସନ୍ କ୍ଲବ’ ପକ୍ଷରୁ ଏଥର ଜିରୋ ନାଇଟ୍ ସେଲିବ୍ରେସନ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସେଲିବ୍ରେସନ୍ କରାଯାଇଥିଲା । ଅନେକ ନାମିଦାମୀ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଥିଲେ ସଭିଏଁ । ବାଣ ଫୁଟାଇ ନୂଆବର୍ଷକୁ ସ୍ୱାଗତ କରିଥିଲେ । ସେହିପରି ନୂଆବଜାର ସ୍ଥିତ ‘ହାର୍ଟ ବିଟ୍’ ରେସ୍ତୋରାଁର ନାଚଗୀତ ସହିତ ମ୍ୟୁଜିକ୍‌ର ବ୍ୟବସ୍ଥା କରାଯାଇଥିଲା । ‘ବାଲେଶ୍ୱର କ୍ଲବ’ ପକ୍ଷରୁ ମଧ୍ୟ ଜିରୋନାଇଟ୍ ସେଲିବ୍ରେସନ୍ ଦମ୍‌ଦାର ପାଳନ କରାଯାଇଥିଲା । ସେହିପରି ବାମପଦା ସ୍ଥିତ ‘ନୋସି ବିଜ୍‌ନେସ୍ ପାର୍କ’ ପକ୍ଷରୁ ମଧ୍ୟ ଜିରୋ ନାଇଟ୍‌କୁ ସେଲିବ୍ରେସନ୍ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏଥିରେ ଓଡ଼ିଶା ଏବଂ ଓଡ଼ିଶା ବାହାରୁ କଣ୍ଠଶିଳ୍ପୀ ଆସି ଗୀତ ଗାଇ ସେଲିବ୍ରେସନ୍ କରିଥିଲେ । ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ଦର୍ଶକ । ତେବେ ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ସହରର ବିଭିନ୍ନ ଛକଗୁଡିକରେ ପୁଲିସ୍ ମୁତୟନ କରାଯାଇଛି ।

ସକାଳ THE SAKALA



## ଜନସମୁଦ୍ର ପାଲଟିଲା ହଦଗଡ଼



**ଛେନାପଦି,୩୧।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ହଦଗଡ଼ ଡ୍ୟାମଟି ଅନ୍ୟତମ। ବଣଭୋଜି ପାଇଁ ଏଠାକାର ପରିବେଶଟି ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ପର୍ଯ୍ୟଟକଙ୍କ ଧାଡ଼ି ଛୁଟିଥାଏ। ଆଜି ବର୍ଷର ଶେଷ ଏବଂ ଛୁଟିଦିନ ରବିବାର ଥିବାରୁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଅନେକ ପର୍ଯ୍ୟଟକ ଏଠାରେ ବଣଭୋଜି କରିବା ସହିତ ଏଠାକାର ପ୍ରାକୃତିକ ପରିବେଶର ଭରପୁର ସୌନ୍ଦର୍ଯ୍ୟକୁ ଖୁବ୍ ମନଭରି ଉପଭୋଗ କରିଥିଲେ। ସାଳନ୍ଦୀ ନଦୀ ଉପରେ ନିର୍ମିତ ଏହି ସାଳନ୍ଦୀ ଡ୍ୟାମଟି ଅତ୍ୟନ୍ତ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ଏହାର ତଳଭାଗରେ ଡ୍ୟାମ ଜଳ ପ୍ରବାହିତ ହୋଇ ଏକ ନଦୀ ପାଲଟିଛି। ଯାହାକି ବଣଭୋଜି ପାଇଁ ଅତି ଉତ୍ତମ ଏବଂ ପ୍ରାକୃତିକ ସମ୍ଭାର ପରିବେଷଣ କରିଥାଏ। ଆଜି ହଦଗଡ଼ରେ ସାପ୍ତାହିକ ହାଟ ବସିବା ସହିତ ପର୍ଯ୍ୟଟକଙ୍କ ଭିଡ଼ ମିଶି ସମ୍ପୂର୍ଣ୍ଣ ଅଞ୍ଚଳଟି ଜନସମୁଦ୍ର ପାଲଟିଥିଲା। ଯାହାକି ବର୍ଷର ଶେଷଦିନ ଭାବେ ଅନ୍ୟବର୍ଷ ଅପେକ୍ଷା ଏହା ରେକଡର୍ ଭାଙ୍ଗିଥିବା କୁହାଯାଇଛି। ଯାନବାହନ ଗୁଡ଼ିକର ସୁରକ୍ଷିତ ବ୍ୟବସ୍ଥା ପାଇଁ ପଞ୍ଚାୟତ ପକ୍ଷରୁ ନିଲାମ ମାଧ୍ୟମରେ ହଦଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ରାଇମୁଣ୍ଡିଙ୍କ ନାମରେ ଏକ ପାର୍କିଂ ବ୍ୟବସ୍ଥା କରାଯାଇଛି।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଆନନ୍ଦପୁର, ୩୧।୧୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ଆଜି ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଅନନ୍ତ ଚରଣ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳ, ଡ. ଶେଖର ପ୍ରସାଦ ଦେବତା, ଶିବଚରଣ ବେହେରା, ଆତୁଳ ଚରଣ ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ରଘୁଦିପ୍ତୀ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅଧିକାରୀ ନାରାୟଣ ଚନ୍ଦ୍ର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶକ୍ତି ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ରବିନ୍ଦ୍ର କୁମାର ସାହୁ, ଶ୍ରୀକାନ୍ତ ପଟେଲ, କାହ୍ନୁଚରଣ ଜେନା, ପ୍ରକାଶ ସାହୁ, ଭାରତୀ ସାହୁ, ଶ୍ରୀଲେଖା ସାହୁ, ସ୍ଥିତପ୍ରଜ୍ଞା ଜେନା, ଗୀତାଞ୍ଜଳି ନାୟକ, ରଞ୍ଜନ ନାୟକ, ଉପେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ। ପ୍ରାଧ୍ୟାପକ ବିଜୟ କୁମାର ସାହୁ, ରଞ୍ଜନ ନାଏକ, ବିଶ୍ୱରଞ୍ଜନ ସାହୁ, ମାୟାଧର ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗୟଳମୁଣ୍ଡାରେ ଜିଏସ୍ କ୍ଲବର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର, ୩୧।୧୨(ସମିସ):** ଆନନ୍ଦପୁର ବ୍ଲକର ଗୟଳମୁଣ୍ଡା କାଳୀ ପଡ଼ିଆଠାରେ ଜିଏସ୍ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚରେ ଛେନାପଦି କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ୱିକେଟ ହରାଇ ୬୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବୀରବ କ୍ରିକେଟ କ୍ଲବ ୬ ୱିକେଟରେ ୩୫ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖେଳକୁ ଅମ୍ପାୟାର ନିରଞ୍ଜନ ବେହେରା, ସୁନେଶ ମହାନ୍ତ ପରିଚାଳନା କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ କ୍ଲବର ସଭାପତି ବାପୁନୁ ମହାନ୍ତଙ୍କ ସଂଯୋଜନାରେ ଉପସଭାପତି ଗୁଲୁ ନାଇକ ସ୍ୱାଗତ ଭାଷଣ ଓ ସମ୍ପାଦକ ଦୀପୁ ମହାନ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କ୍ଷୀରୋଦ ମହାନ୍ତ, ଗୟଳମୁଣ୍ଡା ବନପାଳ ଅନାଦି ଚରଣ ବାରିକ, ସମାଜସେବୀ ଗୋପିନାଥ ମହାନ୍ତ ଓ କମଳାକାନ୍ତ ମହାନ୍ତ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ବିତରଣ କରିଥିଲେ। ଶେଷରେ କ୍ଲବର ସହସଂପାଦକ ବୁବୁ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଲୁ ମହାନ୍ତ, ଗଦାଧର ଦେହୁରୀ, ସତ୍ୟବ୍ରତ ପଲେଇ, ମନୋଜ ନାୟକ, ଦୀପକ ବେହେରା, ଟିପୁନୁ ମହାନ୍ତ, ପିକୁନୁ ମହାନ୍ତ, ଲିପୁନୁ ମହାନ୍ତ, ପିୟୁଷ ଦାଶ, ପବିତ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

**ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ଦେବକୁଣ୍ଡ**

# ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ଦେଇଛନ୍ତି ୧୪ କୋଟି

ଉଦଳା, ୩୧।୧୨(ସମିସ)





ଶିମିଳିପାଳର ପୂର୍ବ ପାଦଦେଶରେ ରହିଛି ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଦେବକୁଣ୍ଡ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଘଞ୍ଚ ବନାନୀ ମଧ୍ୟରେ ପଞ୍ଚକୁଣ୍ଡ ଯୁକ୍ତ ନର୍ଝରଣୀ ଦେଓ ନଦୀର ଅବିଶ୍ୱାସନୀୟ ଜଳଧାରା ସାଙ୍ଗକୁ ମା' ଅମ୍ବିକାଙ୍କ ମାତୃସତ୍ତାର ପ୍ରତ୍ୟକ୍ଷ ଆବାହନ ପ୍ରକୃତିପ୍ରେମୀଙ୍କୁ ଆଗମନ ପାଇଁ ବିଚଳିତ କରିଥାଏ। ଫଳରେ ଏଠାକୁ ଥରଟିଏ ଆସିଥିବା ପର୍ଯ୍ୟଟକ ପୁଣି ବାରମ୍ବାର ଆସିବାକୁ ବାଧ୍ୟ ହୋଇଥାଏ। ପିକନିକ ଋତୁ ଆସିଲେ ପର୍ଯ୍ୟଟଙ୍କ ପ୍ରଥମ ପସନ୍ଦ ହୋଇଥାଏ ଦେବକୁଣ୍ଡ। ମୟୂରଭଞ୍ଜ ରାଜା ଶାସନ ସମୟରୁ ଏହି ପର୍ଯ୍ୟଟନସ୍ଥଳୀ ଲୋକଲଚୋନକୁ ଆସିବା ପରେ ପ୍ରକୃତିର ଏହି ସୌନ୍ଦର୍ଯ୍ୟର ଗନ୍ତାଘର ସଭିଙ୍କୁ ଆକର୍ଷିତ କରିଆସିଛି। ପୌରାଣିକ ମତରେ ଏହାର କିମ୍ବଦନ୍ତୀ ସଂଯୋଗ ଆସାମର କାମାକ୍ଷା ପୀଠ ସହ ସମ୍ପର୍କ ଥିବା ଶୁଣାଯାଏ। ଏଥିରେ ଦେବୀଙ୍କ ପାଦ ଆଙ୍ଗୁଳି ଓ ଅଧୋ ଦନ୍ତପଂକ୍ତି ହୋଇ ସୃଷ୍ଟି ହୋଇଥିବା ପଞ୍ଚସାଗର ତୀର୍ଥ ମହାଶକ୍ତି ପୀଠଟି ବିରାଟ ଦେଶରେ ଅବସ୍ଥିତ ବୋଲି ଜଣାଯାଇଛି। ଦେବକୁଣ୍ଡର ଉପରି ଭାଗରେ ଅବସ୍ଥିତ ଦେବକୁଣ୍ଡ, ହରିଦ୍ରା କୁଣ୍ଡ, ତୈଳ କୁଣ୍ଡ ଓ ଭୁଦାର କୁଣ୍ଡ ସହ ଦେବକୁଣ୍ଡ ହିଁ ପଞ୍ଚସାଗର। ଦେଓ ନଦୀର ଜଳଧାରା ଉପରେ ଏହି ପଞ୍ଚସାଗର ତୀର୍ଥ ପ୍ରବାହିତ ହୋଇଥିବା ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟ ବାସ୍ତବରେ ଅବର୍ଣ୍ଣନୀୟ। ଶିମିଳିପାଳ ଭିମାସନ ପର୍ବତରୁ ତଟିନୀ ରୂପରେ ନିର୍ଗତ ଦେଓନଦୀ। ଏଠାରେ ପର୍ବତର ଚଟାଣ ବନ୍ଧକୁ ଲମ୍ଫମାରି ସୃଷ୍ଟି କରିଛି ଗଭୀର ଜଳାଶୟ। କୁଣ୍ଡପ୍ରିୟ ଏହି ଗଭୀର ଜଳାଶୟ ଦେବକୁଣ୍ଡ ଭାବେ ଖ୍ୟାତ। ଦେବକୁଣ୍ଡ ଓ ଦେଓ ନଦୀ ସେମିତି ସବୁକିଛି ଦେବତାଙ୍କ ସହ ସମ୍ପର୍କିତ। ସ୍ଥାନୀୟ ପ୍ରଚଳିତ ବିଶ୍ୱାସ ଅନୁଯାୟୀ ମଧ୍ୟରାତ୍ରରେ ଦେବତାମାନେ ଦେବକୁଣ୍ଡରେ ସ୍ନାନ କରିବାକୁ ଆସନ୍ତି। ପୂର୍ଣ୍ଣିମା ଓ ଅମାବାସ୍ୟାରେ ଦେବକୁଣ୍ଡରେ ଦେବତାମାନଙ୍କ ବାଦ୍ୟ ସଂକୀର୍ତ୍ତନ ଝଙ୍କାର ଶୁଭିଥାଏ ବୋଲି ବିଶ୍ୱାସ ରହିଛି। ସ୍ଥାନୀୟ ଅଧିବାସୀ ଓ ଆଦିବାସୀମାନଙ୍କ ଏହା ଏକ ଦେବଭୂମି ଭାବେ ବିବେଚିନା କରାଯାଇଥାଏ। ତେବେ ଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳକୁ ବୁଲିବା ପାଇଁ ହଜାର ହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ନଭେମ୍ବର ମାସଠାରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଅସିଥାନ୍ତି। ଅନ୍ୟ ମାସରେ ମାଧ ରାଜ୍ୟ ବାହାରୁ ବିଶେଷ କରି ପଶ୍ଚିମବଙ୍ଗ ଝାରଖଣ୍ଡ ରାଜ୍ୟରୁ ବହୁ ପର୍ଯ୍ୟଟକ ନିୟମିତ ଭାବେ ଆସିଥାନ୍ତି। ଏକ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଭାବେ ବେଶ ଆକର୍ଷଣୀୟ ହୋଇଥିଲେ ହେଁ ଭିତ୍ତିଭୂମି ଠିକ୍‌ଭାବେ ନ ଥିବାରୁ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ତେବେ ଏହି ପର୍ଯ୍ୟଟନସ୍ଥଳର ଭିତ୍ତିଭୂମି ନିମନ୍ତେ ରାଜ୍ୟ ସରକାର ୧୪ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

**କେମିତି ଯିବେ:** ଭୁବନେଶ୍ୱରରୁ ୨୭୦ କିମ ଦୂରରେ ରହିଛି ଏହି ପର୍ଯ୍ୟଟନସ୍ଥଳ। ଭୁବନେଶ୍ୱରରୁ ବସ ଯୋଗେ କିମ୍ବା ଗାଡି ଯୋଗେ ସେରଗଡ଼ ଦେଇ ଉଦଳା ସହରରକୁ ଆସିଲେ ଏଠାରୁ ମାତ୍ର ୩୦ କିମି ଦୂରରେ ଦେବକୁଣ୍ଡ ପଡ଼ିବ। ଜିଲ୍ଲା ମହକୁମା ବାରିପଦା ପଟୁ ଆସିଲେ ୬୪ କି.ମି. ଉଦଳା ଦିଗକୁ ଆସିଲେ ବୃନ୍ଦାଗଡ଼ି ଛକରୁ ଯିବାକୁ ପଡେ। ବାଲେଶ୍ୱର ରେଳ ଷ୍ଟେସନରୁ ମଧ ଉଦଳା ଦେଇ ୯୦ କିମି ଦୂରରେ ଏହି ପର୍ଯ୍ୟଟନସ୍ଥଳ ପଡ଼ିଥାଏ।

## ଭୀମକୁଣ୍ଡ ରାସ୍ତାରେ ହାତୀପଲ; ରାସ୍ତାରେ ଅଟକିଲେ ଯାତ୍ରୀ



**ଠାକୁରମୁଣ୍ଡା, ୩୧।୧୨(ସମିସ):** ରବିବାର ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳକୁ ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକମାନେ ଏକ ୨୨ ଟିକିଆ ହାତୀପଲକୁ ଦେଇ ଭୟଭୀତ ହୋଇଯାଇଥିଲେ। ହାତୀପଲ ରାସ୍ତା ଅବରୋଧ କରି ରଖିଥିଲେ। ଫଳରେ ଅନେକ ଯାତ୍ରୀ ପ୍ରାୟ ୧ ଘଣ୍ଟାଧରି ଅଟକି ରହିଥିଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ଥିବା ଏହି ୨୨ ଟିକିଆ ହାତୀ ପଲ ଶନିବାର ରାତିରେ ତେଲ ନଦୀ ଅତିକ୍ରମ କରି ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳର ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡ ନିକଟ ଅନ୍ଧାରୀଖମଣ ଗ୍ରାମ ଜଙ୍ଗଲରେ ରହିଥିଲେ। ରବିବାର ଏହି ହାତୀପଲକୁ ଲୋକେ ଘଉଡ଼ାଇବାରୁ ଭୀମକୁଣ୍ଡ- ବୋଟିଂ ରାସ୍ତା ଉପରେ ଆସି ରହିଥିଲେ। ବଣ ଭୋଜି କରିବାକୁ ବିଭିନ୍ନ ପ୍ରାନ୍ତରରୁ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ଶତାଧିକ ଗାଡ଼ିରେ ଆସିଥିବା ଲୋକମାନେ ବଣଭୋଜି ସାରି ଫେରୁଥିବା ବେଳେ ଦିନ ପ୍ରାୟ ୪.୩୦ ମି ସମୟରେ ହାତୀପଲ ରାସ୍ତା ଅବରୋଧ କରିଥିଲେ। ଏତେ ସଂଖ୍ୟକ ହାତୀ ପଲଙ୍କୁ ରାସ୍ତା ଉପରେ ଦେଖି ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ପରେ ଲୋକଙ୍କ ପାଟି ଶୁଣି ହାତୀପଲ ଅମ୍ବେଡା ଜଙ୍ଗଲ ଭିତରକୁ ପଳାଇଥିଲେ।

## କବିତା ପୁସ୍ତକ 'ଶୁଭଲିତା' ଉନ୍ମୋଚିତ



**ବଡ଼ସାହି, ୩୧।୧୨(ସମିସ):** ବରିଷ୍ଠ ସାରସ୍ୱତ ସାଧକ କବି ହରନାରାୟଣ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ 'ଶୁଭଲିତା' ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଡ ସରୋଜ ନାୟକ, ମୁଖ୍ୟବକ୍ତା ଭାବେ କବି ଅମିତାଭ ମିଶ୍ର, ସମୀକ୍ଷକ ଭାବେ ସୌରଭ ତ୍ରିପାଠୀ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହ ପରିଣତ ବୟସରେ କବିଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। କିଶୋର ସାହିତ୍ୟ ଭିତ୍ତିକ ଏହି ପୁସ୍ତକଟି କବିଙ୍କ ଲିଖିତ ଅନ୍ୟାନ୍ୟ ପୁସ୍ତକ ଭଳି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ମତପ୍ରକାଶ ପାଇଥିଲା।

## 'ଟି-୧୦' ସୁଦାମ ମାର୍ଣ୍ଡି କପ୍ କ୍ରିକେଟ୍ ଉଦ୍‌ଘାଟିତ

ଝରାଡିହି, ୩୧।୧୨(ସମିସ)



ବହଳଦା ବ୍ଲକ ଭିତରାମଦା ଗ୍ରାମପଞ୍ଚାୟତ ଜାରିଟାଣ୍ଡି ଫୁଟବଲ ଖେଳ ଉବଲ ଫିଲ୍ଡ (ପଡ଼ିଆ)ରେ ଦ୍ୱିତୀୟ ବାର୍ଷିକ ଟି-୧୦ ସୁଦାମ ମାର୍ଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଜେଡି ମୟୂରଭଞ୍ଜ-୨ ଉପସଭାପତି ସଚ୍ଚିନ୍ଦ୍ର ଦାଶଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥିରୂପେ ବିଜେଡି ମୟୂରଭଞ୍ଜ ଜିଲ୍ଲା ୨ ଉପସଭାପତି ସୁବାସ ମଣ୍ଡଳ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ରାଇରଙ୍ଗପୁର ବ୍ଲକ ଚେୟାରମ୍ୟାନ ଜ୍ଞାନରଞ୍ଜନ ହେମ୍ବ୍ରମ, ବହଳଦା ବ୍ଲକ ଭାଇସ ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ବସା, ରାଇରଙ୍ଗପୁର ପୌରପାଳ ଅଭିଷେକ ପଟ୍ଟନାୟକ, ବହଳଦା ବ୍ଲକ ୨୬ ନମ୍ବର ଜିଲ୍ଲା ପାରିଷଦ ସୂର୍ଯ୍ୟମଣି ହାଁସଦା, ବିଜେଡି ମୟୂରଭଞ୍ଜ ଜିଲ୍ଲା-୨ ମହିଳା ସଭାପତି ତନୁଜା ମହାନ୍ତ, ବିଜେଡି ଛାତ୍ର ସଭାପତି ରସୁତ ବିଶୋଇ, ଭିତରାମଦା ଗ୍ରାମପଞ୍ଚାୟତ ସରପଞ୍ଚ ଖାତ୍ରି କିସ୍କୁ, ବିଜେଡି ଜେନେରାଲ ସେକ୍ରେଟାରୀ ମୟୂରଭଞ୍ଜ ୨ ରାଜେନ୍ଦ୍ର ମଲ୍ଲିକ, ବିଜେଡି ଯୁବ ଉଇଙ୍ଗ ପ୍ରେସିଡେଣ୍ଟ ବହଳଦା ବ୍ଲକ ବାବୁଲାଲ ପାତ୍ର, ରାଜକୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳ ଡିସେମ୍ବର ୩୧ରୁ ଜାନୁଆରୀ ୭ ତାରିଖ ଯାଏ ଚାଲିବ। ପ୍ରଥମ ଦିନ ଏକ୍ସଆଇ ଓଡ଼ିଶା ସହିତ ଲରିଆ ଏକ୍ସଆଇ ଚାଇବସା ଝାରଖଣ୍ଡ, ୨ ଜାନୁଆରୀରେ ମେଧାଆନଶ ଲେଗେଣ୍ଡ ଜାମସେଦପୁର ଝାରଖଣ୍ଡ ସହିତ ୬ଜି ଏକ୍ସ ଆଇ ଖରାଙ୍ଗପୁର ଏବଂ ଚିରାଙ୍ଗ ଏକ୍ସ ଆଇ ଜାଦୁଗଡ଼ା ଝାରଖଣ୍ଡ ସହିତ ଧନଥ ୱରିୟର ଓଡ଼ିଶା, ୩ ଜାନୁଆରୀରେ ଏସ ଉଆଇ ବି ସି- ଏକ୍ସଆଇ ଜାମସେଦପୁର ଝାରଖଣ୍ଡ ସହିତ ଆଇଆରଏଫ୍ଏ ଏନ-ଏକ୍ସ ଆଇ ରାଉଲକେଲା, ୪ ଜାନୁଆରୀରେ ଟପ୍ ଏସଟିଆର ଆଇକେଇଆର ଚକ୍ରଧରପୁର ସହିତ ମହାକାଆଲ ଏକ୍ସ ଆଇ ମରଣ୍ଡା ଏବଂ ଇଭିଇଆର ଗ୍ରିନ ଏକ୍ସ ଆଇ ବାହାରାଗଡ଼ା ସହିତ ମହୁଲଡିହା ଉଆରିଙ୍ଗ ରାଇରଙ୍ଗପୁର, ୬ଜାନୁଆରୀରେ ଲାଲୁ ଏକ୍ସ ଆଇ ରାଉଲକେଲା ସହିତ ଭିକ୍ଟରିଆ କ୍ଲବ ବହଳଦା ଏମଏମସିସି ସମ୍ବଲପୁର ସହିତ ଯୁଥ କ୍ଲବ ବାଦାମପାହାଡ ଖେଳିବେ। ଆସନ୍ତା ୭ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

# ଶିମିଳିପାଳକୁ ଭରସା ସମାକୋଇ ନଦୀ ଜଳ

ତେଲକୋଇ,୩୧।୧୨(ସମିସ)



**ଅଭିଯୋଗର ମାସେ ପରେ ମରାମତି ହେଲା ନଳକୂପ**

ଲୋକଙ୍କ ପାଖରେ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କିଛି ସରକାରୀ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଶୀତ ଦିନେ ମଧ୍ୟ ଲୋକେ ମାସମାସ ଧରି ଜଳକଷ୍ଟ ଭୋଗୁଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତର ଏକ ଉପାନ୍ତ ଗାଁ ଶିମିଳିପାଳରେ। ପଞ୍ଚାୟତର ଗାଁ ଗୁଡିକରେ ବିଭିନ୍ନ ସମସ୍ୟା ଲାଗିରହିଥିବା ବେଳେ ଶିମିଳିପାଳ ଗାଁରେ ଶୀତ ଦିନରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ତା'ପୁଣି ସରକାରୀ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ। ଲୋକଙ୍କ ଅଭିଯୋଗ ଅନୁଯାୟୀ ଗାଁରେ ଥିବା ନଳକୂପଟି ପ୍ରଥମେ ଗୋଳିଆ ପାଣି ବାହାରୁ ଥିବାରୁ ଲୋକେ ଏସମ୍ପର୍କରେ ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିଲେ। ତା'ପରେ କିଛି ଦିନପରେ ନଳକୂପଟି ସମ୍ପୂର୍ଣ୍ଣ ଖରାପ ହୋଇଯାଇ ସେଥିରୁ ପାଣି ବାହାରିବା ବନ୍ଦ ହୋଇଯାଇଥିଲା। ମାସ ମାସ ଧରି ନଳକୂପଟି ଖରାପ ହୋଇ ପଡିରହିଥିଲେ ମଧ୍ୟ ତାର ମରାମତି ହୋଇ ପାରିନଥିଲା। ଫଳରେ ଲୋକେ ଦୁଇ କିଲୋମିଟର ଦୂରରେ ଥିବା ସମାକୋଇ ନଦୀରୁ ଜଳ ସଂଗ୍ରହ କରି ବ୍ୟବହାର କରୁଥିଲେ। ଯାହାଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘ ଦିନ ଧରି ନଳକୂପ ଖରାପ ହେବା ଦ୍ୱାରା ଲୋକେ ନଦୀର ଦୂଷିତ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ଦ୍ୱାରା ଲୋକେ ଥଣ୍ଡା କାଶ ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ। ଗୃହପାଳିତ ଗାଈଗୋରୁ ମଧ୍ୟ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ବ୍ୟବହାର ଲୋକଙ୍କୁ ଅଧିକ କଷ୍ଟ ଦେଇଛି। ନଳକୂପ ଖରାପ ଯୋଗୁଁ ମରାମତି ପାଇଁ ଲୋକେ ଅଭିଯୋଗ ନେଇ ଯାଇଥିବା ବେଳେ ସମସ୍ୟାର ସମାଧାନ କରିବା ବଦଳରେ ସମାକୋଇ ନଦୀରୁ ଆକ୍ୱାଗାର୍ଡ ଲଗାଇ ପାଣି ବ୍ୟବହାର କର ବୋଲି କନିଷ୍ଠ ଯନ୍ତ୍ରୀ ବିଦ୍ରୁପ କରିଥିବା ଲୋକେ ପ୍ରକାଶ କରିଛନ୍ତି। ସରକାରୀ କର୍ମଚାରୀଙ୍କ ଏଭଳି ବ୍ୟବହାର ଯୋଗୁଁ ପ୍ରଶାସନ ଉପରେ ଥିବା ଲୋକଙ୍କ ଭରସା ତୁଟି ଯାଉଛି। ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଏଭଳି ଖାମଖିଆଲି ମନୋଭାବ ଯୋଗୁଁ ସାଧାରଣ ଜନତା ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେବେ ବିଡିଓଙ୍କ ନିକଟରେ ଅଭିଯୋଗର ଏକ ମାସ ପରେ ନଳକୂପ ମରାମତି କରାଯାଇଥିବା ଜଣାପଡ଼ିଛି।

# ଯୁବ ଓଡ଼ିଶା ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

ଘସିପୁରା, ୩୧।୧୨(ସମିସ)



କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ପ୍ରଶାସନ ପକ୍ଷରୁ ରାମଚନ୍ଦ୍ରପୁର ରାମେଶ୍ୱର ମିନି ଷ୍ଟାଡିୟମରେ ଯୁବ ଓଡିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଡିଓ ମାନସ ରଞ୍ଜନ ସାମଲ, ତହସିଲଦାର ନୀଳକଣ୍ଠ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ସାହୁ, ସମିତିସଭ୍ୟ ମନ୍ମଥକୁମାର ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ଖୋଖୋ, କବାଡି, ଭଲିବଲ, ଫୁଟବଲ, ହକି, କ୍ରିକେଟ ପ୍ରଭୃତି ଖେଳର ସେମିଫାଇନାଲ ପର୍ଯ୍ୟାୟ ଉନ୍ନିତ ହୋଇଥିବା କ୍ରୀଡ଼ାବିତଙ୍କୁ ଯଥାକ୍ରମେ ଆର୍ଥିକ ପୁରସ୍କାର ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସମାଜସେବୀ ଦେବାଶିଷ ପାତ୍ର ଅତିଥି ପରିଚୟ ସହ ସଭାମଞ୍ଚ ପରିଚାଳନା କରିଥିଲେ। ସେହିପରି ଖୋଖୋ ବାଳିକା ଟିମ୍ ଚାମ୍ପିଅନ ଭାବେ କୁଶଳେଶ୍ୱର ହାଇସ୍କୁଲ ଏବଂ ବାଳକ ଟିମ୍ ଭାବେ ପୁରୁଣାବାନ୍ଧଗୋଡ଼ା ଟିମ୍ ଚାମ୍ପିଅନ ହୋଇଥିଲା। କବାଡ଼ି ବାଳିକା ଟିମ୍ ଭାବେ କୁଶେଳେଶ୍ୱର ଏବଂ ବାଳକ ଟିମ୍ ଭାବେ ଖାଳିଆମେଣ୍ଟା ଚାମ୍ପିଅନ ହୋଇଥିଲା। ଚାନ୍ଦ କ୍ଲବ ପଣ୍ଡୁଆ ପୁରୁଷ ଭଲିବଲ ଚାମ୍ପିଅନ ହୋଇଥିବା ବେଳେ ଫୁଟବଲରେ ରୟାଲ କ୍ଲବ ଖାଳିଆମେଣ୍ଟା ଏବଂ କ୍ରିକେଟରେ ମହିମା ଅଲେଖ ଏକାଦଶ ନଦୁଆଁ ଚାମ୍ପିଅନ ଘୋଷିତ ହୋଇ ଜିଲ୍ଲାସ୍ତରୀୟ କ୍ରୀଡ଼ାକୁ ମନୋନୀତ ହୋଇଥିଲେ। ଏହି କ୍ରୀଡ଼ା ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବକ ଯୁବତୀମାନଙ୍କ ପ୍ରତିଭା ବିକଶିତ ହୋଇପାରିବ ବୋଲି ବିଧାୟକ କହିଥିଲେ। କ୍ରୀଡା ଉତ୍ସବ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ କୁମାର ସାହୁ, ଚନ୍ଦ୍ରଭାନୁ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଟାଇସନ, ଅଜୟ ନାୟକ, ହୃଷୀକେଶ ସାହୁ, ହରମୋହନ ନାୟକ, ଅଶୋକ ମହାନ୍ତ, ଗ୍ରାମରୋଜଗାର ସେବକ ଜଗନ୍ନାଥ ପାତ୍ର, ବସନ୍ତ ମାଝୀ, ଅଶୋକ ସାହୁ, ପ୍ରିୟବ୍ରତ ମହାରଣା, ଉତ୍ତମ ପାଣିଗ୍ରାହୀ, ନିହାର ରଞ୍ଜନ ଧୀର, ବିଏଫ୍‌ଟି ଭାଗୀରଥି ନାୟକ, ରମେଶ ପଣ୍ଡା ସମେତ ସ୍ଥାନୀୟ ରାମେଶ୍ୱର ଯୁବକ ସଂଘର କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

# ଚାରିବର୍ଷରେ ବାଲେଶ୍ୱରରେ ୧୧୦୦ ନିର୍ଯ୍ୟାତନା ମାମଲା






- ଘରୋଇ ହିଂସା, ବାଲ୍ୟବିବାହ, ସାଇବର କ୍ରାଇମ ଓ ଅପହରଣ ମାମଲା ଅଧିକ
- ଉତ୍ତର ବାଲେଶ୍ୱରରେ ଅଧିକ ବାଲ୍ୟବିବାହ ଓ ଶିଶୁ ନିର୍ଯ୍ୟାତନା
- ବୃଦ୍ଧି ପାଉଛି ବାହାର ଦେଶରୁ ମହିଳା ଓ ଶିଶୁ ଚାଲାଣ; ବାଲେଶ୍ୱର ପାଲଟୁଛି ମାଧ୍ୟମ
- ଏସବୁ ଘଟଣାର ସମାଧାନ କରୁଛି ସଖୀ ୱାନ୍ ଷ୍ଟପ୍ ସେଣ୍ଟର; ଉଦ୍ଧାର ସହ ହସ୍ତାନ୍ତର କାର୍ଯ୍ୟ କରୁଛି

**ବାଲେଶ୍ୱର, ୩୧।୧୨(ସମିସ):** ଗତ ୪ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ୧୧୦୦ଟି ନିର୍ଯ୍ୟାତନା ଘଟଣା ଘଟିଛି। ତେବେ ଏଥିମଧ୍ୟରେ ଅଧିକ ଘରୋଇ ହିଂସା, ବାଲ୍ୟବିବାହ, ସାଇବର କ୍ରାଇମ ଓ ଅପହରଣ ଘଟଣା ଅଧିକ ରହିଛି। ଏହି ୪ ବର୍ଷ ମଧ୍ୟରେ ଘରୋଇ ହିଂସା ୪୦୦, ବାଲ୍ୟବିବାହ ୫୦, ସାଇବର କ୍ରାଇମ ୫୦ ଏବଂ ଅପହରଣରେ ୧୦୦ଟି ମାମଲା ହୋଇଛି। ଯାହାର ସମାଧାନ କରାଯାଇଛି। ଅନେକ ମାମଲା ସାମ୍ନାକୁ ମଧ୍ୟ ଆସିପାରୁନି। ମାତ୍ର ଗତ ୪ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ୨୦ ପ୍ରତିଶତ ନିର୍ଯ୍ୟାତନା ଘଟଣା ହ୍ରାସ ହୋଇଥିବା ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟରରୁ ଜଣାପଡ଼ିଛି। ବର୍ତ୍ତମାନ ସମୟରେ ବାହାର ଦେଶରୁ ମହିଳା ଓ ଶିଶୁ ଚାଲାଣ ଘଟଣା ଅଧିକ ରହିଛି। ଚାଲାଣ ଘଟଣାରେ ବାଲେଶ୍ୱର ପାଲଟୁଛି ମାଧ୍ୟମ।

ଦିନକୁ ଦିନ ମହିଳା ଓ ବାଳିକାଙ୍କ ପ୍ରତି ଦୁଷ୍କର୍ମ, ଶୋଷଣ, ବାଲ୍ୟ ବିବାହ, ଯୌତୁକ ନିର୍ଯ୍ୟାତନା, ପାରିବାରିକ ହିଂସା ତଥା ମହିଳା ଓ ଶିଶୁ ଚାଲାଣ, ସାଇବର କ୍ରାଇମ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏସବୁ ଘଟଣା ଘଟିବାର ଅନେକ ନଜର ରହିଛି। ତେବେ ଏହିପରି ଘଟଣାର ଅନେକ ଶିକାର ହୋଇଥିବା ପୀଡ଼ିତା ଜଣକ ବେଳେବେଳେ କାହାର ସହାୟତା ପାଆନ୍ତି ନାହିଁ କି କେଉଁଠିକୁ ଯିବେ ଜାଣିପାରନ୍ତି ନାହିଁ। ଫଳରେ ଅନେକ ପୀଡ଼ିତା ସହଜରେ ଜୀବନ ହରେଇବା ଅଥବା ସାରା ଜୀବନ ଯନ୍ତ୍ରଣାରେ ଜର୍ଜରିତ ହୁଅନ୍ତି। କିଛି ବର୍ଷ ହେବ ଏହି ନିର୍ଯ୍ୟାତିତ ମହିଳା ଓ ବାଳିକାଙ୍କୁ ସାହା ହେବା ସହ ବାଟ ଦେଖାଉଛି ମୁଖ୍ୟ ଚିକିତ୍ସାଳୟ ଭିତରେ ଥିବା ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟର। ଦୀର୍ଘ ଚାରି ବର୍ଷ ଧରି ଏହି ସେଣ୍ଟରରେ କାର୍ଯ୍ୟରତ କର୍ମଚାରୀମାନେ ନିର୍ଯ୍ୟାତିତ ମହିଳା ଏବଂ ବାଳିକାଙ୍କ ଘଟଣାର ସମାଧାନ କରୁଛି। ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟର ଭିତରେ ସେଲଟର୍ ରୁମ୍ ରହିଛି, ଯେଉଁଠି ୫ଟି ଶଯ୍ୟା ଅଛି। ଏଥିସହିତ କାଉନସିଲର ରୁମ୍ ଏବଂ କାର୍ଯ୍ୟାଳୟ ରହିଛି। ଉକ୍ତ ସେଣ୍ଟରରେ ଏବେ ୧୫ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଗୋଟିଏ ଛାତ ତଳେ ମହିଳା ଓ ବାଳିକାଙ୍କୁ ସଖୀ ତରଫରୁ ପୀଡ଼ିତାଙ୍କୁ ପୁଲିସ, ଡାକ୍ତର ଓ ଆଇନଗତ ସହାୟତା ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ, ଅସ୍ଥାୟୀ ଆଶ୍ରୟ ଓ ଅନ୍ୟ କୌଣସି ସହାୟତା ଯୋଗାଇ ଦିଆଯାଇଛି। ଯାହା ସେବା ଯୋଗାଇବା ପାଇଁ ୨୪ ଘଣ୍ଟା ଖୋଲା ରହିଛି। ଉକ୍ତ ସେଣ୍ଟରର ସହାୟତାରେ ମହିଳା, ଶିଶୁ ଚାଲାଣ, ଉଦ୍ଧାର ଶିଶୁ ଯୌନ ନିର୍ଯ୍ୟାତନା କ୍ଷେତ୍ରରେ ଆର୍ଥିକ ସହାୟତା, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ କ୍ଷେତ୍ରରେ ସଚେତନତା ସାରା ଜିଲ୍ଲାରେ କରାଯାଉଛି। କାଉନସିଲର୍ ପରାମର୍ଶ ମାଧ୍ୟମରେ ସ୍ୱାମୀ ମତାନ୍ତର ଦୂରୀଭୂତ କରାଯାଉଛି। ଓ୍ୱାନ୍ ଷ୍ଟପ୍ ସେଣ୍ଟରର ଉତ୍କୃଷ୍ଟ କାର୍ଯ୍ୟ ଯୋଗୁଁ ସାଇବର ଅପରାଧ, ଶିଶୁ ଯୌନ ନିର୍ଯ୍ୟାତନା, ମହିଳା ଘରୋଇ ହିଂସା ଆଦି ଘଟଣାର ଅପରାଧୀମାନେ ଗିରଫ ହୋଇ ପରିଚାଳିତ ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟର କାର୍ଯ୍ୟଧାରାକୁ ଶିଶୁ ମଙ୍ଗଳ କମିଟି ନେପାଳର ହାଇ କମିଶନ ଉଚ୍ଚ ପ୍ରଶଂସା ମଧ୍ୟ କରିଛନ୍ତି। ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା କ୍ଷେତ୍ରରେ ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟର ଏକ ନିର୍ଭରଯୋଗ୍ୟ ସଂସ୍ଥା ବୋଲି ଜଣାପଡ଼ିଛି। ତେବେ ଏହି ଚାରି ବର୍ଷ ମଧ୍ୟରେ ୧୧୦୦ ଘଟଣା ଘଟିଛି। ଏଥିସହିତ ପାରିବାରିକ ହିଂସା, ବାଲ୍ୟବିବାହ, ସାଇବର ଅପରାଧ ଅଧିକ ରହିଛି। ତେଣୁ ଏସବୁ ଦିଗରେ ପ୍ରତି ବ୍ଲକରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଏହି ସେଣ୍ଟରକୁ ଓଡ଼ିଶା ସରକାର, ଭାରତ ସରକାର ପ୍ରତିନିଧି ଓ ଅଫିସରମାନେ ବିଭିନ୍ନ ସମୟରେ ଉକ୍ତ ସଂସ୍ଥାକୁ ପରିଦର୍ଶନ କରି ପ୍ରଶଂସା କରିଛନ୍ତି।

ବାଲେଶ୍ୱରରେ ଶିଶୁ ଯୌନ ନିର୍ଯ୍ୟାତନା ବହୁଳଭାବେ ବଢ଼ୁଛି। ସାଇବର କ୍ରାଇମ ମଧ୍ୟ ବୃଦ୍ଧି ପାଉଛି। ଉତ୍ତର ବାଲେଶ୍ୱର ଅଞ୍ଚଳରେ ଅଧିକ ଶିଶୁ ଯୌନ ନିର୍ଯ୍ୟାତନା ଓ ବାଲ୍ୟବିବାହ ହେଉଛି। ଏ ଦିଗରେ ଆମର ସଚେତନତା କାର୍ଯ୍ୟକ୍ରମ ସାରା ଜିଲ୍ଲାରେ ଚାଲିଛି। ଅଙ୍ଗନବାଡ଼ି କର୍ମୀ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତେବେ ସଖୀ ସେଣ୍ଟର କାମ କରିବା ପରେ ବାଲେଶ୍ୱର ଜିଲ୍ଲାରେ ଏସବୁ ଘଟଣା ୨୦ ପ୍ରତିଶତ କମିଛି। ଆଇନଗତ ବ୍ୟବସ୍ଥା ଉପରେ କଲେଜ ପିଲା ଓ ଅଙ୍ଗନବାଡ଼ି ସୁପରଭାଇଜରଙ୍କୁ ତାଲିମ ଦିଆଗଲେ ଏ ଦିଗରେ ଆହୁରି ସଚେତନତା ବଢ଼ନ୍ତା। କାରଣ ଭୟ ରହିଲେ ଅପରାଧ ହୁଅନ୍ତାନି। ବାହାର ଦେଶର ଯଥା- ନେପାଳ ଓ ବାଂଲାଦେଶର ଲୋକଙ୍କୁ ହସ୍ତାନ୍ତର କାର୍ଯ୍ୟ ମଧ୍ୟ ଆମେ କରିଛୁ। ନେପାଳର ଜଣେ ମହିଳାଙ୍କୁ ଅପହରଣ ହେଉଥିବାବେଳେ ଆମେ ଉଦ୍ଧାର କରିଥିଲୁ। ସେହିଭଳି ବାଂଲାଦେଶରେ ମଧ୍ୟ। ତେବେ ବାହାର ଦେଶରୁ ଚେନ୍ନାଇ, ଗୋଆ, କେରଳକୁ ଓଡ଼ିଶା ଦେଇ ଚାଲାଣ ହେଉଛି। ବାଲେଶ୍ୱର ଏହାର ମାଧ୍ୟମ ପାଲଟୁଛି। ତେଣୁ ଏହାକୁ ରୋକିବା ପାଇଁ ପୁଲିସର ସହଯୋଗ ଆହୁରି ଆବଶ୍ୟକ। ବିଶେଷକରି ମହିଳା ଓ ଶିଶୁ ଚାଲାଣ କ୍ଷେତ୍ରରେ ରେଲୱେ ପୁଲିସ ଓ ଜିଆରପିଙ୍କ ଅଧିକ ସହଯୋଗର ଆବଶ୍ୟକତା ରହିଛି। କାରଣ ପ୍ରାୟ ଟ୍ରେନରେ ହିଁ ମହିଳା ଓ ଶିଶୁ ଚାଲାଣ ହେଉଛି ବୋଲି ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟରର ସମ୍ପାଦକ ଗୋପାଳ କୃଷ୍ଣ କର କହିଛନ୍ତି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଜାମାଇ ଏଣ୍ଡ ଜାମାଇ ଚାମ୍ପିଅନ

**ସିମୁଳିଆ, ୩୧।୧୨(ସମିସ):** ଜୟ ଜଗନ୍ନାଥ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଜାମାଇ ଏଣ୍ଡ ଜାମାଇ ଫୁଟ୍‌ବଲ୍ କ୍ଲବ୍ ଚାମ୍ପିଅନ ହୋଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ରେଳ କଲୋନୀର ଜୟ ଜଗନ୍ନାଥ ୟୁଥ୍ କ୍ଲବ୍ ଦ୍ୱାରା ଦୁଇ ଦିନିଆ ଫୁଟ୍‌ବଲ୍ ମ୍ୟାଚ୍ ବଣାମୁନୀ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କମଳାକାନ୍ତ ନାୟକ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ୍‌ରେ ସୋରର ବିର୍ସାମୁଣ୍ଡା ଟିମ୍ ଓ ଖୁଣ୍ଟାର ଜାମାଇ ଏଣ୍ଡ ଜାମାଇ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜାମାଇ ଏଣ୍ଡ ଜାମାଇ ୨-୦ ଗୋଲ୍‌ରେ ବିର୍ସାମୁଣ୍ଡାକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଚାମ୍ପିଅନ ଦଳକୁ ୧୫ହଜାର ଟଙ୍କା ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ମାର୍କୋଣା ରାଜସ୍ୱ ନିରୀକ୍ଷିକା ସରସୀ ମହାନ୍ତି ଓ ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି ଯୋଗଦେଇ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିଲେ। ଖେଳକୁ ଉତ୍ତମ ବାରିକ, ଜିତେନ୍ଦ୍ର ବାରିକ ଓ ଲକ୍ଷ୍ମଣ ଟୁଡୁ ପରିଚାଳନା କରିଥିଲେ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ସିମୁଳିଆ, ୩୧।୧୨(ସମିସ):** ସିମୁଳିଆ କଲେଜ ଛକ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମୁରୁଣା ପଞ୍ଚାୟତର ବାଲିକଣା ଆଦିବାସୀ ସାହିର ମଙ୍ଗଳ ସିଂ(୩୫)। ପ୍ରକାଶ ଯେ, ମାର୍କୋଣା ୧୬ନଂ ଜାତୀୟ ରାଜପଥର ସିମୁଳିଆ କଲେଜ ଛକ ନିକଟରେ ମାଟି ଉଠାଣ କାର୍ଯ୍ୟ ଚାଲୁଥିଲା। ସେହି ରାସ୍ତା ଦେଇ ମଙ୍ଗଳ ଘରକୁ ଫେରୁଥିବାବେଳେ ପଛପଟୁ ଏକ ମାଟିବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନିଃଶୁଳ୍କ ଚିକିତ୍ସା ଶିବିର

# ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା



**ଭୋଗରାଇ, ୩୧।୧୨(ସମିସ):** ବାଲେଶ୍ୱର ଜିଲ୍ଲାର ସୀମାନ୍ତ ତଥା ଉପାନ୍ତ ଭୋଗରାଇ ବ୍ଲକର ଜନସାଧାରଣଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାରେ ବ୍ରତୀ ଭୁବନେଶ୍ୱର ଅଲ୍‌ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସ (ଏମ୍ସ)ର କାର୍ଯ୍ୟରତ କର୍କଟ ରୋଗ ଚିକିତ୍ସା ବିଭାଗ ମୁଖ୍ୟ ପ୍ରଫେସର ଡା. ସରୋଜ କୁମାର ଦାସ ମଜୁମଦାର ଦୀର୍ଘ ୧୫ ବର୍ଷ ହେଲା ନିଜ ବାପା-ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ନିଃଶୁଳ୍କ ଚିକିତ୍ସା ଶିବିର ମାନ ଆୟୋଜନ କରିଆସୁଛନ୍ତି। ଡାକ୍ତର ମଜୁମଦାରଙ୍କ ନେତୃତ୍ୱରେ ଭୁବନେଶ୍ୱର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସ୍ (ଏମ୍ସ) ଓ କଟକ ବଡ଼ ମେଡିକାଲ କଲେଜ ସମେତ ବିଭିନ୍ନ ଘରୋଇ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତରମାନେ ଏହି ଶିବିରରେ ଯୋଗ ଦେଇ ହଜାର ହଜାର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଆସୁଛନ୍ତି। ରବିବାର ଭୋଗରାଇ ଶ୍ୟାମସୁନ୍ଦର ରିକ୍ରିଏସନ ସେଣ୍ଟର ସହଯୋଗରେ ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ମେଗା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୪ ହଜାରରୁ ଊର୍ଦ୍ଧ୍ୱ ବ୍ୟୟବହୁଳ ତଥା ଜଟିଳ ରୋଗରେ ପୀଡିତ ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଓ ପରାମର୍ଶ ଯୋଗାଇ ଦିଆଯାଇଛି। ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିସରରେ ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ କର୍ଣ୍ଣ, ନାସା ଓ ଗଳା ରୋଗ ବିଶେଷଜ୍ଞ ଡାକ୍ତର ଆରଭିଏସ କୁମାର, ଦନ୍ତଶଲ୍ୟ ରୋଗ ବିଶେଷଜ୍ଞ ଡାକ୍ତର ଅଶୋକ ଜେନା, ଜେନେରାଲ ମେଡିସିନ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ବେହେରା ଓ ଡାକ୍ତର ଅମରେଶ ମିଶ୍ର, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞ ଡାକ୍ତର ପ୍ରକାଶ ଚନ୍ଦ୍ର ଦଳାଇ, ଡାକ୍ତର ମାନସ ପାଣିଗ୍ରାହୀ ଓ ଡାକ୍ତର ପ୍ରଜନ୍ମ ଅନିର୍ବାଣ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସୁଜିତ ତ୍ରିପାଠୀ ଓ ଡାକ୍ତର ଗିରିଶ ଚନ୍ଦ୍ର ସାହୁ, ହୃଦରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ଦାସ, ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଦାସ, ଚର୍ମ ରୋଗ ବିଶେଷଜ୍ଞ ଡାକ୍ତର ସିଏସ ସିରକା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅସୀମା ଦାସ ଓ ଡାକ୍ତର ନିହାର ବେହେରା, ଏଣ୍ଡୋସ୍କୋପି ବିଶେଷଜ୍ଞ ଡାକ୍ତର ଅରୁଣ ଚୌଧୁରୀ, ଜେନେରାଲ ସର୍ଜରୀ ବିଶେଷଜ୍ଞ ଡା. ତୁଷାର ମିଶ୍ର ଓ ଡାକ୍ତର ଉମେଶ ରାୟ, ନ୍ୟୁରୋଲୋଜି ବିଶେଷଜ୍ଞ ଡାକ୍ତର ସଞ୍ଜିବ ଭୋଇ, ନ୍ୟୁରୋ ସର୍ଜରୀ ବିଶେଷଜ୍ଞ ଡାକ୍ତର ଆଶିଷ ପଟ୍ଟନାୟକ, ନେଫ୍ରୋଲୋଜି ବିଶେଷଜ୍ଞ ଡାକ୍ତର ସନ୍ଦୀପ ପଣ୍ଡା, କର୍କଟ ରୋଗ ବିଶେଷଜ୍ଞ ଡାକ୍ତର କ୍ଷିତିଶ ମିଶ୍ର, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରଶ୍ମି ଦାସ, ପଲିମ୍ୟୁନାରୀ ମେଡିସିନ ଡାକ୍ତର ସୌରିନ ଭୂୟାଁ, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ସିଏସ୍ ସିରକା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ପ୍ରଦାନ କରିଥିଲେ। କେତେକ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ଏମ୍ସ ଓ କଟକ ବଡ ମେଡିକାଲକୁ ରେଫର କରାଯାଇଛି। ଏହାସହିତ ଚକ୍ଷୁ ରୋଗୀ ମାନଙ୍କୁ ମାଗଣା ଚଷମା ଓ ଔଷଧ ବଣ୍ଟନ କରାଯାଇଛି। ଶିକ୍ଷାବିତ ବାଳଗୋପାଳ ଦାସ, ମଳୟ କୁମାର କର, ତାପସ ପାତ୍ର, ସଞ୍ଜୀବ (ଗୋପାଳ) କୁମାର ପାତ୍ର, ରମାକାନ୍ତ ପରିଡ଼ା, ଶ୍ରୀହରି ଜେନା, ଅମର ମହାନ୍ତି ପ୍ରମୁଖଙ୍କ ସମେତ ଶ୍ୟାମସୁନ୍ଦର ରିକ୍ରିଏସନ ସେଣ୍ଟରର ସଭାପତି ଆଶିଷ ମହାନ୍ତି, ସମ୍ପାଦକ ଗଙ୍ଗାଧର ପାତ୍ର, କୋଷାଧ୍ୟକ୍ଷ ବଳରାମ ବିଶି, ଅଧ୍ୟାପକ ସରୋଜ ଦାସ, ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ଡାକ୍ତର ପୂର୍ଣ୍ଣାଶିଷ ପାତ୍ର ଓ ସମସ୍ତ ସଦସ୍ୟ ଏବଂ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀମାନେ ପରିଚାଳନା କରିଥିଲେ।

# ମାଲଦା ଟାଉନ-ବେଙ୍ଗାଲୁରୁ ଏକ୍ସପ୍ରେସ୍‌କୁ ସ୍ୱାଗତ କଲେ ସାଂସଦ



**ଜଳେଶ୍ୱର ବ୍ଲକ, ୩୧।୧୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମାଲଦା ଟାଉନ-ବେଙ୍ଗଲୁରୁ ଅମୃତ ଭାରତ ଏକ୍ସପ୍ରେସକୁ ପୂର୍ବାହ୍ନରେ ଉଦ୍‌ଘାଟନ୍ କରିଥିବାବେଳେ ମାଲଦା ଟାଉନରୁ ୧୧ ସମୟରେ ଛାଡ଼ି ସନ୍ଧ୍ୟା ୮ଟା ସମୟରେ ଜଳେଶ୍ୱର ଷ୍ଟେସନରେ ପହଞ୍ଚିଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ୱାଗତ ଜଣାଇଥିଲେ। ଏହି ସଭାରେ ରେଳ ବିଭାଗ ଖଡ଼ଗପୁର ଡିଭିଜନର ସିଏସ ସୁମିତା ସାହୁ ମଞ୍ଚ ଆହ୍ୱାନ ଓ ପରିଚାଳନାରେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଥିଲେ। ଖଡ଼ଗପୁର ଏଡିଆରଏମ୍ ଗିରିଶ କୁମାର ଉପସ୍ଥିତ ଥିଲେ। ଫାଲଗୁନି ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତା ସମୀର କୁମାର ପାତ୍ର, ସିଦ୍ଧାର୍ଥ ଶଙ୍କର ପାଳ, ପ୍ରବୀର କୁମାର ପ୍ରଧାନ, ସଂଗ୍ରାମ କେଶରୀ ପରିଡ଼ା, ପରମାନନ୍ଦ ମହାପାତ୍ର, ଧ୍ରୁବଚରଣ ନାୟକ, ତପନ କୁମାର ବିଶ୍ୱାଳ, ସୁକୁମାର ରଣା, ଚନ୍ଦନ କୁମାର ଦାସ, ଦେବଯାନୀ ଅଣ୍ଡିଆ, ସୁମତି ରଣା, ମାଳତି ଦେ, ମୁକ୍ତାରାଣୀ ପାଲ, ଆଇନଜୀବୀ ରାମଚନ୍ଦ୍ର ଜେନା, ଜଳେଶ୍ୱରର ବରିଷ୍ଠ ନାଗରିକ ସତ୍ୟେନ୍ ନାଗ, ସୁଧୀର କୁମାର ମହାନ୍ତି, ବନମାଳୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ନାଥ ମଣ୍ଡଳ ସମସ୍ତ କାର୍ଯ୍ୟର ତଦାରଖ ଓ ପରିଚାଳନା କରିଥିଲେ।

# ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ




**ନୀଳଗିରି, ୩୧।୧୨(ସମିସ):** ନୀଳଗିରି ଉପଖଣ୍ଡ ଦକ୍ଷୀଣନରସିଂହପୁର ପଞ୍ଚାୟତସ୍ଥିତ ଲକ୍ଷ୍ମୀକାନ୍ତ ସ୍ମାରକୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ନୀଳଗିରି ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଔପଦା ବ୍ଲକ ୨ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ଦକ୍ଷୀଣ ନରସିଂହପୁର ସରପଞ୍ଚ ଅଶୋକ କୁମାର ଜେନା, ସମିତିସଭ୍ୟା ପଦ୍ମଜା କାନୁନ୍‌ଗୋ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ହରେକୃଷ୍ଣ ଜେନା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟାପକ ପ୍ରକାଶ କୁମାର ପଣ୍ଡା, ଅଧ୍ୟାପିକା ଡ. ସାନ୍ତ୍ୱନା ସାମଲ, ଧରିତ୍ରୀ ମହାନ୍ତି, ସତ୍ୟନାରାୟଣ ମହାନ୍ତି, ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ବିଦ୍ୟୁତ ପ୍ରଭା ବିଶ୍ୱାଳ, ଶୁସାନ୍ତ କୁମାର ବାରିକ୍, ସାବିତ୍ରୀ ଦାସ, ତାରାକାନ୍ତ ମହାଳିକ, ରବୀନ୍ଦ୍ର କୁମାର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଦିପ୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକୋତ୍ସବ



**ଭୋଗରାଇ, ୩୧।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଏଚ୍‌ଏସ)ରେ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଛି। ମହାବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଆର୍‌ଆଇଏଚ୍‌ଏସ୍‌ର ଅଧ୍ୟକ୍ଷ ପ୍ରଫେସର କେଦାର ସିଂ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର କାର୍ତ୍ତିକ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଅସ୍ମିତା ଓ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର ଗଙ୍ଗାଧର ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର ଓ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କବି ରାଜେନ୍ଦ୍ର ଗିରିଙ୍କୁ 'ଯୁବକବି-ସାରସ୍ୱତ ସାଧକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ ମଞ୍ଚ ଆହ୍ୱାନ, ଯୁକ୍ତ ୩ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ପ୍ରଫେସର ବ୍ରଜବିହାରୀ ପତି ବେଦପାଠ, ଅଧ୍ୟାପିକା ଡ. ବନ୍ଦିତାରାଣୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ଛାତ୍ରୀ ମନୋରମା ପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଚତୁର୍ଭୁଜ ଘଡାଇ ସୂଚନା ପ୍ରଦାନ କରିଥିଲା ବେଳେ ପ୍ରଫେସର ଗୀତାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠାରୁ ପଞ୍ଚଦଶ ଭୋଗରାଇ ଉତ୍ସବ

### ଉଦ୍‌ଘାଟନ କରିବେ ପୁରୀ ମୁକ୍ତିମଣ୍ଡପ ସଭାପତି



**ଭୋଗରାଇ, ୩୧।୧୨(ସମିସ):** ଭୋଗରାଇ ବ୍ଲକ ନିଜସ୍ୱ କଳା ଓ ସଂସ୍କୃତିର ବିକାଶ, ମା' ମାଟି ପ୍ରୀତି ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବା ଏବଂ ଆଲୋଚନା ମାଧ୍ୟମରେ ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନ କରିବା ଦିଗରେ 'ଭୋଗରାଇ ଉତ୍ସବ' ଏକ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଆଛି। ୨୦୦୮ରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଏବେ ଗଣଉତ୍ସବରେ ପରିଣତ ହୋଇଛି। ୨୦୨୪ ଜାନୁୟାରୀ ୧ ତାରିଖ ଠାରୁ ପଞ୍ଚଦଶ ଭୋଗରାଇ ଉତ୍ସବ ଶୁଭାରମ୍ଭ ହୋଇ ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପୁରୀ ମୁକ୍ତିମଣ୍ଡପ ସଭାପତି ପଣ୍ଡିତ ବିଶ୍ୱନାଥ ମିଶ୍ର ଏହି ଉତ୍ସବକୁ ଉଦ୍‌ଘାଟନ କରିବେ ବୋଲି ଭୋଗରାଇ ଉତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉତ୍ସବ କମିଟିର ସଭାପତି ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଥାନାଛକ ସ୍ଥିତ ହେଲିପେଡ ପଡ଼ିଆରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପସଭାପତି ରଘୁନାଥ ମହାନ୍ତି ଓ ରମାକାନ୍ତ କରଣ, ସମ୍ପାଦକ ସୁନୀଲ କୁମାର କର, କାର୍ଯ୍ୟାଳୟ ସମ୍ପାଦକ ପରିମଳ ମହାନ୍ତି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଜେନା, ହିସାବ ସମୀକ୍ଷକ ପ୍ରମଥ କୁମାର ଗିରି, କାର୍ଯ୍ୟକାରୀ ସଦସ୍ୟ ଦୀପେଶ ଚନ୍ଦ୍ର ରାୟ, ସୁଦର୍ଶନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ତଥା ଭୋଗରାଇର ସଂସ୍କୃତିର ପ୍ରତିଫଳନ ସହିତ ଆଗାମୀ ପିଢ଼ି ପାଇଁ ଭୋଗରାଇର ଇତିହାସ ଓ ଭୂଗୋଳର ଚିତ୍ର, ବର୍ତ୍ତମାନର ଦୁର୍ଦ୍ଦିନ ସହ ଆଗାମୀ ଦିନ ପାଇଁ ଜୀବନ ଜୀବିକା ସମସ୍ୟା ଓ ସମାଧାନର ଉପାୟ ନିର୍ଣ୍ଣୟ, ଗମନାଗମନ, ବନ୍ୟା ପ୍ରତିକାର ଓ ଉଦବୃତ୍ତ ବର୍ଷାପାଣି ନିଷ୍କାସନ ସମାଧାନର ରୂପରେଖ, କଳା, କ୍ରୀଡ଼ା, ସାହିତ୍ୟ, ବିଜ୍ଞାନ, ପ୍ରଶାସନ ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷ ସାଧନ କରିଥିବା ଭୋଗରାଇର ପ୍ରତିଭା ପରିଚୟ ଓ ସମ୍ମାନ, ପ୍ରବାସୀ ଭୋଗରାଇବାସୀଙ୍କ ମିଳନ, ପ୍ରତିଭା ପରିଚୟ ଓ ମାଟିମାଆ ସମ୍ମାନ ରକ୍ଷା କରିବା ପାଇଁ ଉଦ୍ୟମ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

# ନୂଆ -ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**ବାଲେଶ୍ୱର, ୩୧ା୧୨ (ସମିସ):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ମହାବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ପାଇଁ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ 'ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' ବାଲେଶ୍ୱରର ଶ୍ରୀରମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଟେଶ୍ୱରସ୍ଥିତ କଲେଜ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ କ୍ରୀଡ଼ା, ସଂସ୍କୃତି ଓ ସମାଜସେବା ପ୍ରଭୃତି କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ପ୍ରତିଭା ବିକାଶରେ ରାଜ୍ୟ ସରକାରଙ୍କ ଏହି ଅଭିଯାନ ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ। ବିଶେଷ କରି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ଛାତ୍ରୀମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏହି ଭଳି ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ ବୋଲି ମତପ୍ରକାଶ କରିଥିଲେ। ବାଲେଶ୍ୱର ପୌର ପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ ଓ ଡକ୍ଟର ରମାକାନ୍ତ ନାୟକ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀରମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା ଲାବଣ୍ୟ ମହାନ୍ତି ଏଥିରେ ବାର୍ଷିକ ବିବରଣୀ ପାଠ କରିଥିଲେ। ସଞ୍ଜୟ ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଡକ୍ଟର ଶରତ ଚନ୍ଦ୍ର ମଶ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସାନଭି ଡେୟାର୍ସ ଡେଭିଲ ବିଜୟୀ



**ଜଳେଶ୍ୱର ବ୍ଲକ/ରାଇବଣିଆ, ୩୧ା୧୨(ସମିସ):** ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତ ଅଧୀନସ୍ଥ ଦୁଧିଆଶୋଳ ଗ୍ରାମରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଫାଇନାଲ ଖେଳରେ ସାନଭି ଡେୟାର୍ସ ଡେଭିଲ ଓ ମହାକାଳ ଇଲେଭେନ ମଧ୍ୟରେ ମ୍ୟାଚ୍ ହୋଇଥିବାବେଳେ ସାନଭି ଡେୟାର୍ସ ଡେଭିଲ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଯୁବନେତା ଦିବ୍ୟକାମ ମହାନ୍ତି ଯୋଗଦେଇ ବିଜେତା ଦଳକୁ ଟ୍ରଫି ଓ ରନର୍ସ ଅପ୍‌କୁ ସିଲ ପ୍ରଦାନ କରିଥିଲେ। ହଠାତ୍ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।

● ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# 'ନୂଆ-ଓ' କାର୍ଯ୍ୟକ୍ରମରେ ନାଚିଲେ ଛାତ୍ରୀ



**ଖଇରା, ୩୧ା୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ -ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ରାଉଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ଆଲୋକପାତ କରିଥିବାବେଳେ ଅଧ୍ୟାପିକା ମମତାମୟୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଅଧିକାରୀ ବସନ୍ତ କୁମାର ସୂତାର, ସାଂସ୍କୃତିକ ଅଧିକାରୀଣୀ ସୁଲୋଚନା ଦାସ, ସାମାଜିକ ଅଧିକାରୀଣୀ ଜ୍ୟୋସ୍ନାରାଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୁଡ଼େଇ ମହିଳା କଲେଜରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ସୋର, ୩୧ା୧୨(ସମିସ):** ସୋର ବ୍ଲକ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ କରୁଣାକର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ନବିକଶୋର ଦାସ ଯୋଦେଇ ସେବାର ମହତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲେ। ଏହି ଅଧିକାରିଣୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସହିତ ଶିବିରାର୍ଥିନୀମାନେ ପୋଷ୍ୟଗ୍ରାମ ନଦୀଗାଁ ପରିକ୍ରମା କରି ଚାରା ରୋପଣ, ପରିବେଶ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ରାଧାନାଥ ପାଠାଗାରର ସମ୍ପାଦକ ଦାମୋଦର ଦାଶ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ, ଡା. ବିଜୟ କୁମାର ଦାସ ଓ ଡାକ୍ତର ପ୍ରଦୀପ ପଣ୍ଡା ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଶିବିରରେ ୫୦ ଜଣ ଛାତ୍ରୀ ଯୋଗଦେଇ ଥିଲେ।



ନୂଆବର୍ଷ ପାଇଁ ସହରର ଛକ ଛକରେ ଖୋଲିଛି ଆକର୍ଷଣୀୟ ଫୁଲ ଷ୍ଟଲ୍

# ଲିପୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଚାନ୍ଦିପୁର, ୩୧ା୧୨ (ସମିସ):** ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଗୁଡୁ ପଞ୍ଚାୟତ ଅଧୀନସ୍ଥ ବିଦେଇ ଗ୍ରାମର ସଞ୍ଜିତ କୋଚିଂ ସେଣ୍ଟର ଆନୁକୂଲ୍ୟରେ ସ୍ୱର୍ଗତ ଅର୍ଦ୍ଧେନ୍ଦୁ ଶେଖର ରାଉତ (ଲିପୁ) ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଆଠଟି ଦଳ ଭାଗ ନେଇ ଥିବା ବେଳେ ଫାଇନାଲ ମ୍ୟାଚରେ ଶେଖପାଟଣା କ୍ରିକେଟ ଟିମ ଚମ୍ପିୟାନ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ସମାଜସେବୀ ରାଜେନ୍ଦ୍ର ରାଉତ, ବାବୁଲି ପରିଡ଼ା, ଜୟନ୍ତ ମାଝୀ ଓ ପ୍ରଶାନ୍ତ ଦାସ ଉପସ୍ଥିତ ରହି ବିଜେତା ଶେଖପାଟଣା କ୍ରିକେଟ ଟିମ ଓ ରନର୍ସ ଅଫ ବିଦେଇ କ୍ରିକେଟ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ସଞ୍ଜିତ ରାଉତ, ଅଜିତ ଦାସ, ଆଶିଷ ପତି, ସାଗର ପତି, କ୍ରିଷ୍ଣାକାନ୍ତ ବିଶ୍ୱାଳ, ଅଭିଷେକ ରାଉତ ଓ ପଙ୍କଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଜାତୀୟ ସେବା ଶିବିର ଉଦ୍‌ଯାପିତ



**ଜଳେଶ୍ୱର ବ୍ଲକ, ୩୧ା୧୨(ସମିସ):** ଜଳେଶ୍ୱର ବ୍ଲକ ବର୍ଦ୍ଧନାସ୍ଥିତ ଉତ୍ସବ ଚରଣ ଗାଜିଆଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଭାବେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରରେ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ଗୀତା ରାଣୀ ନାୟକ ଏହି ଶିବିରରେ ନେତୃତ୍ୱ ନେଇଥିବାବେଳେ ଉଦ୍‌ଯାପନୀ ବୈଠକରେ ଅଧ୍ୟକ୍ଷ ହରିଶଙ୍କର ଦାସ ସଭାପତିତ୍ୱ କରିଥିଲେ। ସଭାରେ ସଭାପତି ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଇ ସେବାହିଁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଜୀବନର ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ସଭାରେ ୪ ନମ୍ବର ୱାର୍ଡର ୱାର୍ଡ ସଭ୍ୟ ବିଜୟ କୁମାର ସାମଲ, ଅଧ୍ୟାପକ ହେମନ୍ତ କୁମାର ସାହୁ, ସୁସ୍ମିତା ଦାସ, ପରେଶ୍ ଚନ୍ଦ୍ର କାମିଲା, ଚିତ୍ତରଞ୍ଜନ ଦାସ, ଜଗନ୍ନାଥ ନନ୍ଦୀ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ କଲେଜର ଅନ୍ୟ କର୍ମଚାରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଜମି ବିବାଦ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

**ଚନ୍ଦନେଶ୍ୱ, ୩୧ା୧୨(ସମିସ):** ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତର ହାଇଦର ଖାଁ (୬୬) ନିକଟସ୍ଥ ସୁଖଷଣ୍ଡା ଗ୍ରାମରେ ଥିବା ତାଙ୍କ ଜାଗାରେ ବାଡ଼ କରୁଥିବା ସମୟରେ ୱହେଦ ଖାଁଙ୍କ ତିନି ପୁତ୍ର ଇଦ୍ରିସ୍ ଖାଁ, ସୀଦ୍ଦୀକ ଖାଁ, ଏକ୍ରାମ ଖାଁ ଆସି ହାଇଦରଙ୍କୁ ପିଟାମାରା କରିଥିବା ଥାନାରେ ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ହାଇଦର ଖାଁ, ମେନ୍ନେଚାର ବିବି ଏବଂ ଆସମା ବିବି ଙ୍କ ନାମରେ ସୀଦ୍ଦିକ ହୋସେନ ଖାଁ ଥାନାରେ ସେମାନଙ୍କୁ ପିଟାମରା କରିଥିବା ନେଇ ମଧ୍ୟ ପାଲଟା ଅଭିଯୋଗ କରିଥିବା ଜଣାପଡ଼ିଛି। ଉଭୟ ପକ୍ଷ ପରିବାରର ଲୋକେ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲା ବେଳେ ସେମାନଙ୍କ ମଧ୍ୟରୁ ହାଇଦର ଅଲି ଖାଁ ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବାର ସୂଚନା ମିଳିଛି। ପୁଲିସ ଉଭୟ ପକ୍ଷରୁ ଅଭିଯୋଗ ଗ୍ରହଣକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଲୁଲୁଙ୍ଗରେ ଖସିପଡ଼ି ଯୁବ ପର୍ଯ୍ୟଟକଙ୍କ ମୃତ୍ୟୁ



**ବାରିପଦା, ୩୧ା୧୨(ସମିସ):** ଶିମିଳିପାଳର ପ୍ରବେଶପଥ ଲୁଲୁଙ୍ଗକୁ ବଣଭୋଜି ପାଇଁ ଆସିଥିବାବେଳେ ରବିବାର ଅପରାହ୍ନରେ ଜଣେ ଯୁବ ପର୍ଯ୍ୟଟକ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ଲୁଲୁଙ୍ଗର ପଲପଲା ଝରଣା ପାଣିରେ ଖସିପଡ଼ିବାରୁ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ସାଙ୍ଗମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ସ୍ଥାନୀୟ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆଣିଥିଲେ। ତବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣଙ୍କ ହେଲେ ବାଲେଶ୍ୱର ଆଇଟିଆର କଲୋନୀ ଅଞ୍ଚଳର ରିଙ୍କୁ ଓରଫ ବିଶ୍ୱସୁନ୍ଦର ଜେନା (୨୯)। ତାଙ୍କ ବାପା ରମେଶ ଚନ୍ଦ୍ର ଜେନା ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ। ବିଶ୍ୱସୁନ୍ଦର ରବିବାର ତାଙ୍କର ୧୧ ଜଣ ସାଙ୍ଗମାନଙ୍କ ସହିତ ମିଶି ଲୁଲୁଙ୍ଗକୁ ବଣଭୋଜି ପାଇଁ ଆସିଥିଲେ। ଖାଇବା ପୂର୍ବରୁ ଝରଣାକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ଖସି ବୁଡି ଯାଇଥିଲେ। ଖବର ପାଇ ବାରିପଦା ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣଙ୍କ ବିଟେକ ଇଞ୍ଜିନିୟର। ଜାନୁଆରୀ ମାସରେ ରେଳବାଇରେ ଚାକିରି କରିଥାନ୍ତେ। ତାଙ୍କର ମୃତ୍ୟୁକୁ ନେଇ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ମର୍ମାହତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜଳପ୍ରପାତ, ନଦୀ ଓ ଝରଣା ଆଦି ପର୍ଯ୍ୟଟନସ୍ଥଳରେ ବାରମ୍ବାର ଏଭଳି ଘଟୁଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସେ ସମ୍ପର୍କିତ ସୂଚନା ପାଇଁ ବ୍ୟବସ୍ଥା କରାଯିବାକୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

# ମହତାବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ 'ନୂଆ-ଓ' ଉତ୍ସବ



**ଖଇରା, ୩୧ା୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକଅଧୀନ କୁପାରୀସ୍ଥିତ ଡ.ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ମହତାବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ତଥା ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଚି। କଲେଜ ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ପ୍ରଥମ ଦିନ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପୁରାତନ ଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱତୀୟ ଦିନ ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପନୀ ସମାରୋହରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ପ୍ରତିଭା ବିକାଶ ପାଇଁ ସରକାରଙ୍କ ଏହି ପଦକ୍ଷେପ ଯୁଗାନ୍ତକାରୀ ବୋଲି କହିଥିଲେ। ରେଭେନ୍ସା କଲେଜର ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ ନଟବର ଶତପଥୀ ମୁଖ୍ୟବକ୍ତା, ଆଲୁମିନି ସଭାପତି ପରେଶ ଚନ୍ଦ୍ର ଦକ୍ଷିଣରାୟ, ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ସେଣ୍ଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଯୁଧିଷ୍ଠୀର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ହାସ୍ୟ ଅଭିନେତା ହରି ମହାପାତ୍ରଙ୍କ ସଂଳାପ ଓ କଟକର ସଙ୍ଗୀତ ସନ୍ଧ୍ୟା ମେଲୋଡି କଳକାରଙ୍କ ମନଛୁଆଁ ସଙ୍ଗୀତ ଛାତ୍ରୀଛାତ୍ରଙ୍କ ଭରପୁର ମନୋରଞ୍ଜନ ଦେଇଥିଲା।

# ମା' ତାରିଣୀଙ୍କ ପୀଠରେ ପହଞ୍ଚିଲା ଅକ୍ଷତ କଳସ



**ନାରଦପୁର,୩୧।୧୨(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଠାରେ ରହିଥିବା ଚନ୍ଦନବନ ମା' ତାରିଣୀଙ୍କ ପୀଠରେ ଶ୍ରୀରାମ ଲାଲାଙ୍କ ଅକ୍ଷତ କଳସ ପହଞ୍ଚିଛି । ଏହି କଳସ ଅଯୋଧ୍ୟାରୁ ଶ୍ରୀରାମ ଲାଲାଙ୍କ ଠାରେ ପୂଜିତ ହୋଇ ଅକ୍ଷତ କଳସ ପହଞ୍ଚିଛି । ଏହି କଳସ ଆସନ୍ତାକାଲି ଠାରୁ ପ୍ରତ୍ୟେକ ଘରେ ଘରେ ରାମ ମନ୍ଦିର ପୂଜାରେ ସାମିଲ ହେବା ସହ ଶ୍ରୀରାମ ଲାଲାଙ୍କ ଦର୍ଶନ ପାଇଁ ନିମନ୍ତ୍ରଣ ଦିଆଯିବ । ଏହି ଭବ୍ୟ କଳସକୁ ଶତାଧିକ ଭକ୍ତ ସ୍ୱାଗତ କରିବା ପରେ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ଉକ୍ତ ମନ୍ଦିର ପୂଜକ ରତ୍ନାକର ମହାନ୍ତ, ଗୌତମ ନାଏକ, କମିଟି ସଦସ୍ୟ ବାସୁଦେବ ବାରିକ, ଯୁଧିଷ୍ଠିର ମହାନ୍ତ, ଗୌର ବେହେରା, ପୂର୍ଣ୍ଣ ବାରିକ, ଗୋଦୁ ଚରଣ ମହାନ୍ତ, ଲୋକନାଥ ଖିଲାର, ବିପିନ ବାରିକ, ଆରତୀ ନାଏକ, ଅନିତା ମହାନ୍ତ, ଛୋଟ ରାୟ ମହାନ୍ତ, କରୁଣାକର ମହାନ୍ତ, ନଟ ମହାନ୍ତ, ୱାର୍ଡମେମ୍ବର ଲକ୍ଷ୍ମୀ ଦାସଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

# ପାଣି ପାଇପ୍ ଏୟାର ଭାଲ୍‌ବ ଚୋରି

**ଚମ୍ପୁଆ, ୩୧।୧୨ (ସମିସ):** ଚମ୍ପୁଆ ବ୍ଲକର ବିଭିନ୍ନ ସ୍ଥାନରେ ଭାଲ୍‌ବ ଚୋରି ଯୋଗୁଁ ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ସୂଚନା ଅନୁସାରେ ଚମ୍ପୁଆ ମିରିଗିଶିଙ୍ଗା ଠାରେ ନିର୍ମାଣ କରାଯାଇଥିବା ଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ପ୍ରତ୍ୟେକ ଗ୍ରାମକୁ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ଏବଂ ଏହି କାର୍ଯ୍ୟ ତ୍ୱରାନିତ କରାଯାଉଥିବା ବେଳେ ସୁଇସ ଭାଲ୍‌ବ ଓ ଏୟାର ଭାଲ୍‌ବ ବାରମ୍ବାର ଚୋରି ହେଉଥିବା କନିଷ୍ଠ ଯନ୍ତ୍ରୀ କରନ ସୋରେନ ସୂଚନା ଦେଇଛନ୍ତି । ଏହି ଚୋରି ବାବଦକୁ ବିଭିନ୍ନ ଥାନାରେ ମାମଲା ଦାୟର କରାଯାଇଛି । ସୋରେନଙ୍କ କହିବା ଅନୁଯାୟୀ ଗ୍ରାମଗୁଡିକୁ ପାଣି ସମୟ ଅନୁସାରେ ଯୋଗାଇ ଦେବା ଏହି ଭାଲ୍‌ବ ଗୁଡିକର କାମ ହୋଇଥିବା ବେଳେ ମଝିରେ ଚୋରି ହୋଇଯିବାରୁ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି । ଏହି ଭାଲବ୍ ଗୁଡିକ ପ୍ରାୟ ୧୨ ହଜାରରୁ ୧୫ ହଜାର ଟଙ୍କା ମଧ୍ୟରେ ପଡୁଥିବା ବେଳେ ଚୋରି ହେଲା ପରେ ଏହାକୁ କିଣିବା ପାଇଁ ଅନେକ ସମୟ ଲାଗିଯାଉଛି । ନିୟମିତ ବ୍ୟବଧାନରେ ଏହି ଚୋରି ଲାଗି ରହିଥିବାରୁ ଜଳଯୋଗାଣ ପରୀକ୍ଷା ସଫଳ ହେଉଥିଲେ ମଧ୍ୟ ନିୟମିତ ଜଳ ଯୋଗାଣ ହୋଇପାରୁନାହିଁ । ଫଳରେ ଗ୍ରାମ ବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି । ଏହା ବ୍ୟତୀତ ଗାଁ ଗଣ୍ଡାମାନଙ୍କରେ ପୂର୍ବରୁ ଲାଗିଥିବା ସଂଯୋଗ ପାଇପ୍ ନଷ୍ଟ ହୋଇଯାଇଥିବାରୁ ବର୍ତ୍ତମାନ ପୁଣି ସେଗୁଡିକ ମରାମତି ଆବଶ୍ୟକ ହୋଇପଡିଛି । ନିକଟରେ ନିଶାଗଡ଼ିଆ, ବାଲେଶ୍ୱର, ଭୁଇଁପୁର ଓ ବାଲିପୋଶି ଅଞ୍ଚଳରେ ଏହି ଭାଲ୍‌ବ ଚୋରି ହୋଇଯାଇଥିବା ସୂଚନା ମିଳିଛି ।

# ଓଁକାର ସେବାଶ୍ରମରେ ପୋଷାକ ଓ ଶୀତ ବସ୍ତ୍ର ବଣ୍ଟନ



**ଘସିପୁରା,୩୧।୧୨(ସମିସ):** ଓଡିଶା ଘରୋଇ ଆଇଟିଆଇ ଆସୋସିଏସନ ସଂସ୍ଥା ପକ୍ଷରୁ ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଅନ୍ତର୍ଗତ ବାମ୍ପିଡ଼ି ଗୋଡ଼ିସାହୀ ସ୍ଥିତ ଓଁଙ୍କାର ସେବାଶ୍ରମରେ ଅଧ୍ୟୟନରତ ଅନାଥ ତଥା ଗରିବ ଶିଶୁମାନଙ୍କୁ ପୋଷାକ ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟାକ୍ରମକୁ କେନ୍ଦୁଝର ଜୋନର ସାଧାରଣ ସମ୍ପାଦକ ସଭାପତିତ୍ୱ କରିଥିବା ବେଳେ ଓଁକାର ସେବାଶ୍ରମ ମ୍ୟାନେଜିଂ ଟ୍ରଷ୍ଟି ତଥା ଭାଇସ ଚେୟାରମ୍ୟାନ ଗୋବର୍ଦ୍ଧନ ବେହେରା ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ଓଡିଶା ଘରୋଇ ଆଇଆଇଟି ସଂଘର ସଭାପତି ଡ.ଅରୁଣ ନାୟକ, ସମ୍ପାଦକ ଇଂ. ଦେବାଶିଷ ଆଚାର୍ଯ୍ୟ, ଉପସଭାପତି ମିଳନ ମହାପାତ୍ର, ବିଶ୍ୱଜିତ ପଣ୍ଡା ସହ ସମ୍ପାଦକ ମଧୁସୂଦନ ମହାପାତ୍ର, ପ୍ରଦୀପ ମିଶ୍ର ଏବଂ ଭଦ୍ରକ ଜୋନ ସମ୍ପାଦକ ଗଣେଶ ବିଶ୍ୱାଳ, ମୟୂରଭଞ୍ଜ ଜୋନର ସମ୍ପାଦକ ରୂପେଶ କୁମାର ଗିରି, ଗଞ୍ଜାମ ଜୋନର ସମ୍ପାଦକ ଜୟନ୍ତ ପାତ୍ର, ଝାରସୁଗୁଡାର ସମ୍ପାଦକ ବିକେ ପାଢ଼ୀ, କଟକ ଜୋନର ଦେବୀ ବାବୁ ଏବଂ ନିର୍ବାଚନୀ ଅଫିସର ଜୟନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଆଇଆଇଟିର ଅଧ୍ୟକ୍ଷ ଇଂ. ପ୍ରମୋଦକୁମାର ସାହୁ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ସରୋଜ ଜେନା, ଶୁଭଲକ୍ଷ୍ମୀ ନାୟକ, ବନୋଜ ସେନାପତି, ବିଶ୍ୱମୋହନ ହାସଁଦା, ସରୋଜ ନାୟକ, ନିରଞ୍ଜନ ସାହୁ, ଜୟନ୍ତୀ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଆମ୍ବ ଚାଷୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ




**ତେଲକୋଇ,୩୧।୧୨(ସମିସ):** ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡ଼ା ଦଶରାପଦାଠାରେ ଆମ୍ବଚାଷୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଅନ୍ନପୂର୍ଣ୍ଣା ଆଗ୍ରୋ ଆନୁକୂଲ୍ୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଚଳିତ ବର୍ଷ ବଉଳ ଆସିବା ପୂର୍ବରୁ ମୂଲ୍ୟବାନ ଆମ୍ବ ଗଛର ଯତ୍ନ ଓ ତାର ନିରାକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଯାହାକି ତେଲକୋଇ ଅଞ୍ଚଳରେ ଜଳବାୟୁ ଓ ମୃତ୍ତିକା ଆମ୍ବ ଚାଷ ପାଇଁ ଉଦ୍ଦିଷ୍ଟ । ଫଳରେ ଉକ୍ତ ଅଞ୍ଚଳରେ ଉତ୍ପାଦିତ ହେଉଥିବା ସୁସ୍ୱାଦ ଆମ୍ବକୁ ସାରା ଓଡ଼ିଶାରେ ତଥା ବିଭିନ୍ନ ରାଜ୍ୟକୁ ରପ୍ତାନି କରାଯାଇଥାଏ । ଏନେଇ ଆମ୍ବର ରକ୍ଷଣାବେକ୍ଷଣ ଔଷଧ ପ୍ରୟୋଗରେ ଯତ୍ନବାନ ହେବାକୁ ସଚେତନତା କରାଯାଇଥିଲା । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଭରତ ଚନ୍ଦ୍ର ପାତ୍ର, ଗବେଷକ ନିରଞ୍ଜନ ବାରିକ, ଆମ୍ବ ଚାଷୀ ଅଲେଖ ନାୟକ ପ୍ରମୁଖ ଯୋଗଦେଇ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆମ୍ବ ଚାଷୀମାନଙ୍କର ମେରୁଦଣ୍ଡକୁ ମଜଭୁତ କରିବାକୁ ଆମ୍ବ ଚାଷୀ ଅଲେଖ ନାୟକ ମତ ପ୍ରକାଶ କରିଥଲେ ।

# ସୁସ୍ଥସମାଜ ଗଠନ ପାଇଁ ବିଶ୍ୱଜିତଙ୍କ ପ୍ରୟାସ | ଗୀତା ବାଣ୍ଟି କରାଉଛନ୍ତି ସଚେତନ



**ଛେନାପଦି, ୩୧।୧୨(ସମିସ):** ବର୍ତ୍ତମାନ ସମୟରେ ଯୁବଗୋଷ୍ଠୀମାନେ ବିଭିନ୍ନ ନିଶାଦ୍ରବ୍ୟ ସେବନ ଦ୍ୱାରା ନିଶାସକ୍ତ ହୋଇ ପଥଭ୍ରଷ୍ଟ ହେଉଥିବା କାରଣରୁ ସେମାନଙ୍କୁ ଭଲ ବାଟକୁ ଆଣିବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବାକୁ ବିଶ୍ୱଜିତଙ୍କ ଏହି ଅଦମ୍ୟ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ଗୋପାଳପୁର ଗ୍ରାମର ସ୍ୱର୍ଗତଃ ବନମାଳୀ ରାଉତଙ୍କ ସାନପୁଅ ବିଶ୍ୱଜିତ ରାଉତ । ଗତ ୧୪ବର୍ଷ ପୂର୍ବେ ଦେଶମାତୃକା ପାଇଁ ସୁଦୂର କାଶ୍ମୀରରୁ ସେ ଜଣେ ସିପାହୀ ଭାବେ ନିଜର କର୍ମ ଆରମ୍ଭ କରିଥିଲେ । ସୁସ୍ଥ ସମାଜର ବାତାବରଣ କ୍ରମଶଃ କଳୁଷିତ ହେବାକୁ ବସିଥିବା ବେଳେ ଏହାକୁ ନେଇ ସେ କିଛି ମାସ ପୂର୍ବେ ଏକ ସୁସ୍ଥ ସମାଜ ଗଠନ କରିବାକୁ ମନ ବଳାଇଥିଲେ । ଗତକାଲି ୩୦ତାରିଖ ଦିନ ପ୍ରଥମେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଭେଟି ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ପବିତ୍ର ଶ୍ରୀମଦ୍ ଭଗବତ ଗୀତା ବହି ପ୍ରଦାନ କରି ନିଜର ସଚେତନତା ଯାତ୍ରା ଆରମ୍ଭ କରିଛନ୍ତି । ପଥଭ୍ରଷ୍ଟ ହେଉଥିବା ଛାତ୍ର ସମାଜକୁ ନିଶା ଓ ଅସାମାଜିକ କାର୍ଯ୍ୟରୁ ନିବୃତ ରଖିବାର ଅଦମ୍ୟ ପ୍ରୟାସକୁ ପାଥେୟ କରି ସେ ଏହି ପ୍ରୟାସ ଆରମ୍ଭ କରିଥିବା କଥା ବିଶ୍ୱଜିତ କହିଛନ୍ତି । ସେ ଜଣେ ଯବାନ ଭାବେ ନିଜ କାର୍ଯ୍ୟର ଗୁରୁ ଦାୟିତ୍ୱ ତୁଲାଉଥିବା ବେଳେ କଳୁଷିତ ସମାଜକୁ ପରିବର୍ତ୍ତନ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ତାଙ୍କର ଏଭଳି ଏକ ପ୍ରୟାସ ବିଭିନ୍ନ ମହଲରେ ଚର୍ଚ୍ଚାର ଶୀର୍ଷକ ପାଲଟିଛି ।






















